## ସଂକ୍ଷେପରେ

### ନଳକୂଅ ଅଚଳ

ବଇଣ୍ଡା,୨୬।୯(ଡି.ଏନ.ଏ): କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତ ଠେଲକନାଳୀ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରଠାରେ ଥିବା ନଳକୂଅଟି ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଛାତ୍ରୀଛାତ୍ରମାନେ ଏକ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ନଳକୂଅକୁ ମରାମତି କରିବା ପାଇଁ ବହୁବାର ସ୍ଥାନୀୟ ଗ୍ରାମବାସୀ ବ୍ଲକ ପ୍ରଶାସନଠାରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଅଚଳ ନଳକୂଅ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଗାନ୍ଧୀ ଜୟନ୍ତୀ ପାଇଁ ପ୍ରତିଯୋଗିତା

ବଇଣ୍ଡା,୨୬।୯(ଡି.ଏନ.ଏ)- କିଶୋରନଗର କଲେଜ ପରିସରରେ ଗୁରୁବାର ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ସମାରୋହ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୫ମରୁ ଯୁକ୍ତ ୩ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କିଶୋରନଗର ବିଡ଼ିଓ ଅମୃତା ପ୍ରିୟମ୍ବଦା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଡ.ଦଧିବାମନ ପ୍ରଧାନ, ଚିନ୍ମୟୀ ମହାପାତ୍ର, ସଂଗ୍ରାମ କେଶରୀ ପୃଷ୍ଟି, କୁଳମଣି ମେହେର, ସ୍ମିତାରାଣୀ ମହାପାତ୍ର, ସତ୍ୟବ୍ରତ ଦେହୁରି ପ୍ରମୁଖ ପରିଚାଳନା କରିଥିଲେ।

### ମହିଳାଙ୍କ ମୃତ୍ୟୁକୁ ନେଇ ମାମଲା

କଣିହାଁ, ୨୬।୯(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ପୋଲିସ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତା ହେଲେ ଝୁଲାଖୁଣ୍ଟିଆ ଗ୍ରାମର ଦେବାନନ୍ଦ ମୁଖିଙ୍କ ସ୍ତ୍ରୀ ଜ୍ୟୋତି ମୁଖି(୨୯)। ପୋଲିସ କହିଛି, ବୁଧବାର ରାତିରେ ଜ୍ୟୋତିଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପରିବାର ଲୋକେ ଜାଣିବା ପରେ ମୃତ୍ୟୁର କାରଣକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ପ୍ରାଥମିକ ତଦନ୍ତରୁ ଅସୁସ୍ଥତା ଯୋଗୁ ତାଙ୍କର ମୃତ୍ୟୁ ଘଟିଥବବା ଜଣାପଡିଛି। ଏ ସଂକ୍ରାନ୍ତରେ ନଂ.୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ।

### ୧୦ ଏକର ଫସଲ ନଷ୍ଟ କଲେ ହାତୀପଲ



ବଇଣ୍ଡା,୨୬।୯(ଡି.ଏନ.ଏ): ଆଠମଲ୍ଲିକ ବ୍ଲକ ଜାମୁଡୋଲି ପଞ୍ଚାୟତ ନଟରା ଗ୍ରାମରେ ବୁଧବାର ହାତୀ ଉପଦ୍ରବ କରିଛନ୍ତି। ଫଳରେ ବ୍ୟାପକ ଫସଲ ନଷ୍ଟ ହେବାସହିତ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଗ୍ରାମର ଭଜମନ ସ୍ୱାଇଁ, ଭୁବନେଶ୍ୱର ସ୍ୱାଇଁ, ବ୍ରଜକିଶୋର ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଇନ୍ଦ୍ରମଣି ନାୟକ, ସିଦ୍ଧେଶ୍ୱର ସାହୁଙ୍କ ୧୦ ଏକର ଧାନ ଫସଲ ନଷ୍ଟ କରି ଦେଇଛନ୍ତି। ଗ୍ରାମବାସୀ ରାତି ଉଜାଗର ରହି ହାତୀ ଘଉଡ଼ାଉଛନ୍ତି। ତୁରନ୍ତ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମନ୍ଦିର ପରିସରରେ ଚାରା ରୋପଣ

ଆଠମଲ୍ଲିକ,୨୬।୯(ଡି.ଏନ.ଏ.)- ଆଠମଲ୍ଲିକ ବିଜୁ ଯୁବ ବାହିନୀ କ୍ଲବ ନଂ ୩ ପକ୍ଷରୁ ମାଉସୀ ମା' ମନ୍ଦିର ପରିସରରେ ଗୁରୁବାର ଚାରାରୋପଣ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ରବିନ୍ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ଲଗାଇଥିଲେ। ବିଜୁ ଯୁବ ବାହିନୀ ସଭାପତି ପ୍ରିୟବ୍ରତ ସାମଲ, ସମ୍ପାଦକ ଅବିନାଶ ଷଡଙ୍ଗୀ, କୋଷାଧ୍ୟକ୍ଷ ସୁନୀଲ ସାହୁ, ଗୁପ୍ତେଶ୍ୱର ଘିୱାଲା, ଅଙ୍କିତ କୁମାର ଷଡଙ୍ଗୀ, ଗୋପରଞ୍ଜନ ଭୁକ୍ତା, ବାବୁ ପଣ୍ଡା ପ୍ରମୁଖଙ୍କ ସହ ସ୍ଥାନୀୟ ଡାକ୍ତରଖାନାର ରିତାଞ୍ଜଳୀ ସ୍ୱାଇଁ, ଏନ୍‌ଏସି କର୍ମଚାରୀ ସୁଲେମାନ୍ ଖାଁ ଯୋଗଦେଇଥିଲେ।



■ଅନୁଗୋଳରେ ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ

# '୩୭୦ ଧାରା ଉଚ୍ଛେଦର ଫଳ ବିଶ୍ୱ ଖୁବ୍‌ଶୀଘ୍ର ଦେଖିବ'



ଅନୁଗୋଳ ଅଫିସ, ୨୬।୯

ରାଷ୍ଟ୍ରୀୟ ଏକତା ଅଭିଯାନ କାର୍ଯ୍ୟକ୍ରମରେ ଗୁରୁବାର ଅନୁଗୋଳସ୍ଥିତ ଏକ ହୋଟେଲରେ ବୁଦ୍ଧିଜୀବୀ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ଚାରିଆଡୁ ବିପୁଳ ସମର୍ଥନ ମିଳୁଥିବା ବେଳେ ବିଶ୍ୱ ଖୁବ୍‌ଶୀଘ୍ର ଏହାର ସୁଫଳ ଦେଖିବ ବୋଲି ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭାଜପା ରାଜ୍ୟ ଉପସଭାପତି ତଥା ପ୍ରବକ୍ତା ସମୀର ମହାନ୍ତି ମତବ୍ୟକ୍ତ କରିଥିଲେ।

ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଉପସ୍ଥିତ ରାଜ୍ୟ ଉପସଭାପତି ମହାନ୍ତି କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଓ କିପରି ଅଖଣ୍ଡ ଭାରତର ଅଂଶବିଶେଷ ତାହାର ଐତିହାସିକ ପୃଷ୍ଠଭୂମି ଅବତାରଣା କରିଥିଲେ। ଜମ୍ମୁ-କଶ୍ମୀର ଓ ଲଦାଖର ଜନସାଧାରଣଙ୍କ ବାସ୍ତବ ବିକାଶରେ ଏହି ୩୭୦ ଧାରା ବାଧକ ଥିଲା ବୋଲି ସେ କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀଚରଣ ସାମଲ, ରବି ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ପ୍ରମୁଖ ଆଲୋଚନା ଅଂଶ ଗ୍ରହଣ କରିଥିଲେ। ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ଓ ଆଡଭୋକେଟ୍ ଭୂପେଶ ପ୍ରଧାନ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ରାଧାକାନ୍ତ ମହାନ୍ତି, ପତଞ୍ଜଳି ଯୋଗ ସମିତି ଅଧ୍ୟକ୍ଷ ଅଭୟ ରାୟ, ନାଲ୍‌କୋ ଅଫିସର୍ସ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ଓ ସଚ୍ଚିଦାନନ୍ଦ ପାଢ଼ୀ, ବିଶିଷ୍ଟ ଶ୍ରମିକ ନେତା ଗୋକୁଳାନନ୍ଦ ଜେନା, ଶରତ ରାଉତ ଓ ଚ୍ୟାମ୍ବର ଅଫ୍ କମର୍ସ ନେତା ଅଶୋକ ମୋଦିଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଆଇନଜୀବୀ ଉପସ୍ଥିତ ଥିଲେ। ଭାଜପା ନେତା ଚୌଧୁରୀ ପ୍ରଧାନ, ପ୍ରତିମା ମିଶ୍ର, ବସନ୍ତ ମଞ୍ଜରୀ ପ୍ରଧାନ, ଦିଲେଶ୍ୱର ପ୍ରଧାନ, ପ୍ରଶାନ୍ତ ପୃଷ୍ଟି, ନମିତା ଦଳବେହେରା, ସରିତା ମିଶ୍ର, ଅଂଶୁମାନ ନାୟକ, ପ୍ରକାଶ ମହାରଣା ପ୍ରମୁଖ ସହଯୋଗ କରିଥିବାବେଳେ ଯୁବନେତା ଅଗସ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# 'ଯୁବପିଢ଼ି ସ୍ୱାବଲମ୍ବୀ ହେଲେ ବିକାଶ ହେବ'

ଛେଣ୍ଡିପଦା,୨୬।୯ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୁଧବାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକାମିଶନର ବ୍ଲକ ସଂଯୋଜକ ମାନସୀ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାର ସୁନୀଲ କେରକେଟା, ଜିଲା ଦକ୍ଷତା ବିକାଶ ସଂଯୋଜକ ତପନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବେକାର ଯୁବତୀଯୁବକମାନେ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଥିବା ଦକ୍ଷତା ଭିତ୍ତିକ ତାଲିମ ନେଇ ସ୍ୱାବଲମ୍ବୀ ହେଲେ ଦେଶର ବିକାଶ ହୋଇପାରିବ। ଏ ନେଇ ପ୍ରତି ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିମାନେ ବେକାର ଯୁବତୀଯୁବକମାନଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ମୁଖ୍ୟଅତିଥି କହିଥିଲେ। ବ୍ଲକ ସଂଯୋଜକ ମାନସ ରାଉତ, ଜିଲା ଦକ୍ଷତା ବିକାଶ ସଂଯୋଜକ ତପନ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିଙ୍କୁ ବୁଝାଇଥିଲେ। ବ୍ଲକ ଦକ୍ଷତା ବକାଶ ସଂଯୋଜକ ସୁବ୍ରତ କୁମାର ଗଡନାୟକ, ସଂଯୋଜକା ହିରଣ୍ମୟୀ ପ୍ରଧାନ ଓ ସଂଯୋଜକ ସଇୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିଯୁକ୍ତି, କ୍ଷତିପୂରଣ ଦାବିରେ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା କଣିହାଁ କ୍ଷତିଗ୍ରସ୍ତମାନେ।

କଣିହାଁ, ୨୬।୯(ଡି.ଏନ.ଏ.)

ନିଯୁକ୍ତି ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ଗୁରୁବାର ଖଣି ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲେ ଅନୁଗୋଳ ଜିଲା କଣିହାଁ ଗ୍ରାମର ଶତାଧିକ କ୍ଷତିଗ୍ରସ୍ତ ପରିବାର। କଣିହାଁ ଖଣି ଫାଟକ ସମ୍ମୁଖରେ ମହିଳା ପୁରୁଷମାନେ ଧାରଣା ଦେଇଥିଲେ। ଏଥିଯୋଗୁ ଖନନ, ପରିବହନ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସୂଚନାରୁ ଜଣାଯାଏ, ନିଯୁକ୍ତି ଓ ବର୍ଦ୍ଧିତ କ୍ଷତିପୂରଣ ଦାବିରେ କ୍ଷତିଗ୍ରସ୍ତମାନେ ଆନ୍ଦୋଳନ କରିଥିଲେ। ଅପରାହ୍ଣରେ ଦୀର୍ଘ ସମୟ ଧରି ତହସିଲଦାର ଅଂଶୁମାନ ଶତପଥୀ, ଏସଡିପିଓ ଯଶୋବନ୍ତ ସାମଲ, ପ୍ରକଳ୍ପ ଅଧିକାରୀ ନାରାୟଣ ପାତ୍ରଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ହୋଇଥିଲା। ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଛି। ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଲୋକ ସାହୁ, ହରମୋହନ ସାହୁ, ସୁବାସ ନାଏକ ପ୍ରମୁଖ କହିଛନ୍ତି, ଦୀର୍ଘ ବର୍ଷ ହେଲା ଖଣିରେ ଜମି ହରାଇଥିଲେ ମଧ୍ୟ ନିଯୁକ୍ତି ମିଳୁନାହିଁ। ୨୦୧୮ରୁ ବର୍ଦ୍ଧିତ କ୍ଷତିପୂରଣ ରାଶି ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଉନାହିଁ। ବାରମ୍ବାର ଦାବି ସତ୍ତ୍ୱେ କେହି ନ ଶୁଣିବାକୁ ଆନ୍ଦୋଳନ କରାଯାଇଥିଲା। ଅକ୍ଟୋବର ଶେଷ ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟାରେ ଆନ୍ଦୋଳନ ସ୍ଥଗିତ ରହିଛି। ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଗାନ୍ଧୀ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବଇଣ୍ଡା,୨୬।୯(ଡି.ଏନ.ଏ)

କିଶୋରନଗର ବ୍ଲକ ବାମୁରଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ହେବ। ଏ ନେଇ ବାମୁର ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଟ୍ରଷ୍ଟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଆଠମଲ୍ଲିକ ଲୋକ ସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ, କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ପଞ୍ଚଧାରା ଟ୍ରକ ମାଲିକ ସଂଘର ସମ୍ପାଦକ କୃପାସିନ୍ଧୁ ବିଶ୍ୱାଳ, ଅକ୍ଷୟ କୁମାର ଦାସଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ବାମୁରଠାରେ କିଭଳି ଧୁମଧାମରେ ଜୟନ୍ତୀ ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହିତ ସକାଳେ ରାମଧୁନ ପରେ ସଚେତନତା ଶୋଭାଯାତ୍ରା ସକାଳ ୧୦ଟାରେ ସାଧାରଣ ସଭା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାମୁରଠାରେ ଗାନ୍ଧୀ ରାତ୍ରି ଯାପନ କରିଥିବାବେଳେ ଗ୍ରାମବାସୀ ଧୁମ୍‌ଧାମରେ ଜୟନ୍ତୀ ପାଳନ କରିବା ପାଇଁ ସ୍ଥିର କରିଥିବା ଜଣାପଡ଼ିଛି।

# ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ




ଅନୁଗୋଳ ଅଫିସ, ୨୬।୯

ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ୍ ସେଣ୍ଟର (ଏଆଇୟୁଟିୟୁସି) ସହବନ୍ଧିତ ବାବା ଚମ୍ପେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ଅନୁଗୋଳ ପକ୍ଷରୁ ୧୫ ଦଫା ଦାବିରେ ଗୁରୁବାର ସହର ସ୍ଥିତ ଏନ୍‌ଜେନ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ସେସୁରେ କାର୍ଯ୍ୟରତ ମେଣ୍ଟେନାନ୍ସ, ମିଟର ରିଡିଂ ଓ ବିଲ୍ ସଂଗ୍ରହକାରୀ ଠିକା କର୍ମଚାରୀମାନେ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ। ପ୍ରାୟ ୨ ଶହରୁ ଅଧିକ ଠିକା କର୍ମଚାରୀ ଅନୁଗୋଳ ଷ୍ଟାଡିୟମରୁ ଶୋଭାଯାତ୍ରାରେ ବାହାରି ବଜାରଛକ ପରିକ୍ରମା କରି ଏନ୍‌ଜେନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସଂଘ ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଏଆଇୟୁଟିୟୁସି ଅନୁଗୋଳ ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ୟୁନିୟନର କାର୍ଯ୍ୟକାରୀ ସଭାପତି ମାନସ ପାଳ, ସାଧାରଣ ସମ୍ପାଦକ ଦୀପକ କୁମାର ସିଂ, ଅଲ୍ ଇଣ୍ଡିଆ କିଶାନ କ୍ଷେତ ମଜଦୁର ସଙ୍ଗଠନର ଜିଲା ସଙ୍ଗଠକ ସଞ୍ଜୟ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ସେସୁରେ ସବୁଦିନିଆ କାମରେ ନିଯୁକ୍ତି ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ମଜୁରି ବୃଦ୍ଧି, ଘରଭଡା ଭତ୍ତା ମାସିକ ୬ ହଜାର ଟଙ୍କା, ଯାତାୟାତ ଭତ୍ତା ମାସିକ ୩ ହଜାର ଟଙ୍କା, ବର୍ଷକୁ ୧୮ ଦିନ ସବେତନ ଛୁଟି, ପ୍ରତିବର୍ଷ ସୁରକ୍ଷା ସାମଗ୍ରୀ ପ୍ରଦାନ କରିବା, ଓଭର ଟାଇମ୍ ମଜୁରି ଦେବା, ଦୁର୍ଘଟଣାରେ ମୃତ କର୍ମଚାରୀଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ପରିବାରରୁ ଜଣକୁ ନିଯୁକ୍ତି ଦେବା, ଇପିଏଫ୍ ଜମା କରିବା, ବିଦ୍ୟୁତ୍ ବିଲ୍ ସଂଗ୍ରହ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ନିଷ୍ପତ୍ତି ପ୍ରତ୍ୟାହାର ଆଦି ୧୫ ଦଫା ଦାବି ପୂରଣ କରିବାକୁ ଦାବି କରାଯାଇଥିଲା। ଏଥିସହ ଏହି ଦାବିପତ୍ରକୁ ଆଡେକୋ ଇଣ୍ଡିଆ ପ୍ରାଇଭେଟ୍ ଲିଃ ଓ ଏନ୍‌ଜେନ୍ ଗ୍ଲୋବାଲ୍ ସଲ୍ୟୁସନ୍ ପ୍ରା.ଲିଃ. କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ୟୁନିୟନ୍‌ର ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭ୍ୟ ସୁକାନ୍ତ କୁମାର ସାହୁ, ରଜତ ମହାନ୍ତି, ସରୋଜ କୁମାର ଦେହୁରୀ, ବାଉରିବନ୍ଧୁ ବେହେରା, ରାଜେଶ ଗୋଚ୍ଛାୟତ, ପ୍ରସନ୍ନ ସେନାପତି ଓ ମା' ବନଦୁର୍ଗା ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ଆଲୋକ କୁମାର ସାହୁ ପ୍ରମୁଖ ଏହି ବିକ୍ଷୋଭ ଶୋଭାଯାତ୍ରାକୁ ସଙ୍ଗଠିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବିଦ୍ୟାସାଗରଙ୍କ ଜୀବନୀ ଉପରେ ଆଲୋକପାତ




କାର୍ଯ୍ୟକ୍ରମରେ ଉପସ୍ଥିତ ଏଆଇଡିୱାଇଓ ସଦସ୍ୟମାନେ।

ଅନୁଗୋଳ ଅଫିସ, ୨୬।୯

ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ୍ (ଏଆଇଡିୱାଇଓ) ପକ୍ଷରୁ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ୨୦୦ ତମ ଜନ୍ମ ବାର୍ଷିକୀ ସ୍ଥାନୀୟ ଶାବଳଭଙ୍ଗା ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ସମସ୍ତ ଯୁବକ କୋଠଘର ପ୍ରାଙ୍ଗଣରେ ବିଦ୍ୟାସାଗରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଧୀରେନ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସଙ୍ଗଠନର ଜିଲା ସମ୍ପାଦକ କୈଳାସ ସାହୁ, ଜିଲା ସଙ୍ଗଠକ ନିରଞ୍ଜନ ନାୟକ ଓ ମଳୟ ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାସାଗରଙ୍କ ଜୀବନର ପ୍ରେରଣାଦାୟୀ ଘଟଣା ଉପସ୍ଥିତ ଯୁବକମାନଙ୍କ ସମ୍ମୁଖରେ କହିଥିଲେ। ମହେଶ୍ୱର ମୁଦୁଲି, ମାନସ ଦଳବେହେରା, ରଣଜିତ ବେହେରା, ପ୍ରତାପ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଜିଲାର ସୋଲଡା ଠାରେ କୃଷ୍ଣଚନ୍ଦ୍ର ବେହେରାଙ୍କ ଉଦ୍ୟମରେ ଗ୍ରାମର ଯୁବକମାନଙ୍କୁ ନେଇ ବିଦ୍ୟାସାଗରଙ୍କ ଚିନ୍ତା ଓ ଜୀବନ ସଂଗ୍ରାମ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

■ଜିଲା ଏଡ୍‌ସ୍ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ

# ପୁଷ୍ଟିକର ଦିବସରେ ହେବ ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା

ଅନୁଗୋଳ ଅଫିସ, ୨୬।୯



ଅନୁଗୋଳ ଜିଲାରେ ଏଡ୍‌ସ ରୋଗର ଭୟାବହତାକୁ ଦୃଷ୍ଟିରେ ରଖି ଏହାର ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ବୁଧବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର ଅନୁପାଳନ ଓ ଏଡ୍‌ସ ଆକ୍ରାନ୍ତଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନୁଗୋଳରେ ଗ୍ରାମୀଣ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଦିବସରେ ଗର୍ଭବତୀ ମହିଳାମାନଙ୍କ ଏଚ୍‌ଆଇଭି ପରୀକ୍ଷା ଆସନ୍ତା ମାସ ଶେଷ ଭାଗରେ ଆରମ୍ଭ କରାଯିବାକୁ ଏଥିରେ ସ୍ଥିର କରାଯାଇଥିଲା। ସେହିପରି ଟ୍ରକ୍ ମାଲିକ ସଂଘ ସହାୟତାରେ ଟ୍ରକ୍ ଚାଳକ ଓ ହେଲପରମାନଙ୍କ ମଧ୍ୟରେ ଏଚ୍‌ଆଇଭି ଏଡ୍‌ସ ସଚେତନତା ଓ ପରୀକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜିଲାରେ ସମସ୍ତ ଶିଳ୍ପ ସଂସ୍ଥା ପ୍ରତି ୩ ମାସରେ ଥରେ ଏଚ୍‌ଆଇଭି ଏଡ୍‌ସ କାର୍ଯ୍ୟକ୍ରମ ଆୟୋଜନ କରିବେ। ଜିଲାରେ ସମସ୍ତ ଆଇସିଟିସିରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହ ଏକ ସିଡି-୪ ମେଶିନ ଦେବା ସହ ଏହାର ବାର୍ଷିକ ରକ୍ଷଣାବେକ୍ଷଣ କରିବାକୁ ବୈଠକରେ ଏମ୍‌ସିଏଲ୍‌କୁ ପରାମର୍ଶ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ୟୁନିସେଫ୍ ଭୁବନେଶ୍ୱରର ପରାମର୍ଶଦାତା ତୃପ୍ତି ମିଶ୍ର ଗର୍ଭବତୀ ମହିଳାମାନଙ୍କ କିପରି ଏଚ୍‌ଆଇଭି ପରୀକ୍ଷା କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଏଡ୍‌ସ ନିୟନ୍ତ୍ରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଯକ୍ଷ୍ମାର ରୋଗର ନିରାକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟିର ଡିପିଏମ୍ ଡା. ପ୍ରମିଳା ହୋତା ଏଡ୍‌ସର ଭୟାବହତା ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ୨୦୦୩ ଠାରୁ କାଉନସେଲିଂ କରାଯାଉଥିବା ବେଳେ ୧୮୯୬ ଜଣଙ୍କ ଦେହରେ ଏଡ୍‌ସ୍ ଭୂତାଣୁ ଥିବା ଜଣାପଡ଼ିଛି। ଏଆର୍‌ଟି ସେଣ୍ଟରର ଏମ୍‌ଏସ୍‌ଓ ଡା. ଶାସ୍ୱତ ସାଗର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ଶିଳ୍ପ ସଂସ୍ଥାର କର୍ମକର୍ତ୍ତା, ସାମାଜିକ କର୍ମୀ, ଦି ମେଡିକ୍ସ, ଏସ୍‌ଏଆର୍‌ସି, ୟୁଏସ୍‌ଏସ୍ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

**ଅନୁଗୋଳ**

■୬୨ତମ ଅନ୍ତଃରାଷ୍ଟ୍ରୀୟ ବଧିର ସପ୍ତାହ-୨୦୧୯
ସ୍ଥାନ- ପୌରପାଳିକା ଟାଉନ ହଲ

## ସଂକ୍ଷେପରେ

### ପଲିଥିନ ଜବତ, ଜରିମାନା ଆଦାୟ

ଆଠମଲ୍ଲିକ,୨୬।୯(ଡି.ଏନ.ଏ.)- ଆଠମଲ୍ଲିକ ଏନଏସି ପକ୍ଷରୁ ବୁଧବାର ସହରର ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯିବା ସହିତ ଜରିମାନା ଆଦାୟ କରାଯାଇଛି। ସ୍ଥାନୀୟ ଦୁର୍ଗାବଜାରର ୫୦ରୁ ଊର୍ଦ୍ଧ୍ୱ ଦୋକାନରେ ଏହି ଚଢ଼ାଉ କରାଯାଇଥିବା ବେଳେ ୧୨ଟି ଦୋକାନରୁ ବିପୁଳ ପରିମାଣର ପଲିଥିନ ଜବତ ହୋଇଥିଲା। ଉକ୍ତ ଦୋକାନଗୁଡ଼ିକରୁ ଜରିମାନା ବାବଦରେ ମୋଟ୍ ୧୨୦୦ ଟଙ୍କା ଆଦାୟ କରାଯାଇଥିଲା। ନିର୍ବାହୀ ଅଧିକାରୀ ରବିନ କୁମାର ଦାସ, କର୍ମଚାରୀ ରମେଶ ଚନ୍ଦ୍ର ସିଂହ, ସୁବାଶିଷ ସାହୁ, ଦେବବ୍ରତ ରଥ, ହାବିଲଦାର ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

### ୫୦ ଥର ରକ୍ତ ଦାନ ପାଇଁ ସମ୍ବର୍ଦ୍ଧନା



ତାଳଚେର,୨୬।୯(ନି.ପ୍ର.)- ତାଳଚେରର ବିଭିନ୍ନ ସ୍ଥାନରେ ୫୦ ଥର ରକ୍ତଦାନ କରିଥିବା ସାମାଜିକ କର୍ମୀ କ୍ଷୀରୋଦ ସାହୁଙ୍କୁ ସ୍ଥାନୀୟ ସଭାଘର ଠାରେ ତାଳଚେର ରକ୍ତଦାତା ସଂଘ ପକ୍ଷରୁ ୮ମ ବାର୍ଷିକ ଉତ୍ସବ ପାଳନ ଅବସରରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବ୍ରଜ କିଶୋର ପ୍ରଧାନ, ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବିଡିଓ ନେତ୍ରାନନ୍ଦ ମଲିକ, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡା. ମାନସ ସାହୁ, ରକ୍ତଦାତା ସଂଘ ସାଧାରଣ ସମ୍ପାଦକ ଦୀପକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସାହୁ ଓ ସମାଜସେବା ପାଇଁ ପ୍ରେରଣା ଦେଇ ଆସୁଥିବା ତାଙ୍କ ମା' ମାଳତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୬।୯: ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଶାଲେଇଡ଼ିପ ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତକ ପ୍ରଭାତୀ ମୁଣ୍ଡା(୨୨) ବୁଧବାର ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ମିଳିଛି। ପୋଲିସ ନଂ. ୧୭୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ପିଭିଡିଏରେ ବ୍ୟାପକ ଅର୍ଥ ହେରଫେର ଅଭିଯୋଗ

# ଜିଲାପାଳଙ୍କୁ ଜଣାଇଲେ କୃଷି ଅଧିକାରୀ

ପାଲଲହଡ଼ା, ୨୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ପାଉଡି ଭୂୟାଁ ଜନଜାତିଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାର ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା (ପିଭିଡିଏ) ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଦୁଇ ବର୍ଷ ହେବ ସରକାର ଓପିଲିପି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାକୁ ଭୁବନେଶ୍ୱରର ଏକ ଏନ୍‌ଜିଓ ଆଇଆରଡିଏମ୍‌ଏସ୍ (ଇନଷ୍ଟିଚ୍ୟୁଟ ଅଫ ରୁରାଲ ଡେଭେଲପମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ) କାର୍ଯ୍ୟକାରୀ କରୁଛି। ହେଲେ ଆଇଆରଡିଏମ୍‌ଏସ୍‌ର ପ୍ରକଳ୍ପ ପରିଚାଳକ ଏବଂ ପିଭିଡିଏର ସ୍ୱତନ୍ତ୍ର ଅଧିକାରୀ ବିଭିନ୍ନ ପ୍ରକଳ୍ପ ପାଇଁ ଆସୁଥିବା ଟଙ୍କାକୁ ଠିକ ଭାବେ ଖର୍ଚ୍ଚ ନ କରି ଅର୍ଥ ହେରଫେର ସହ ବ୍ୟାପକ ଅନିୟମିତତା କରୁଥିବା ଅଭିଯୋଗ ଆଣିଛନ୍ତି ଆଇଆରଡିଏମ୍‌ଏସ୍‌ର କନିଷ୍ଠ କୃଷି ଅଧିକାରୀ ଅବିନାଶ ଦାସ। ଏ ସମ୍ପର୍କରେ ସେ ପିଭିଡିଏର ଅଧ୍ୟକ୍ଷ ତଥା ଅନୁଗୋଳ ଜିଲାପାଳ, ଉପାଧ୍ୟକ୍ଷ


To
The District Magistrate and Collector,
Angul

ତଥା ପାଲଲହଡ଼ା ଉପଜିଲାପାଳ, ଢେଙ୍କାନାଳ ଏମ୍‌ପି ଏବଂ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଆଦିବାସୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ପାଇଁ ରୁଗୁଡ଼ିହ, ଶିଗଡ, ନଗିରା ଏବଂ ନୂଆଡ଼ିହ ଗ୍ରାମରେ

**■ଅଭିଯୋଗର ତଦନ୍ତ ହେବ-ଉପଜିଲାପାଳ**

ଯୋଜନା ଅଧୀନରେ ଦୁଇ ଦୁଇଟି ମୁଢ଼ି କଳ, ଧାନ କଳ ସ୍ଥାପନ କରାଯାଇଛି। ହେଲେ ଏହାର ଯନ୍ତ୍ରାଂଶ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଏଗୁଡିକୁ ବଜାର ଦରଠାରୁ ଚଢ଼ାଦରରେ କିଣାଯାଇଛି। ପ୍ରକଳ୍ପ ଅଧୀନରେ ଚାଷ ପାଇଁ ପାଉଡି ଭୂୟାଁମାନଙ୍କୁ ଦିଆଯାଉଥିବା ଅଦା, ବିରି ଓ ଅନ୍ୟାନ୍ୟ ବିହନ ନିମ୍ନମାନର ଯୋଗାଣକରି ଲକ୍ଷ ଲକ୍ଷ ଟଙ୍କା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ହଡପ କରିଥିବା ଦାସ ଅଭିଯୋଗ ଆଣିଛନ୍ତି। ସେହିପରି କାର୍ଯ୍ୟାଳୟ ପାଇଁ ବିନା ଟେଣ୍ଡରରେ ଖୋଲା ବଜାର ଦର ଠାରୁ ଚଢ଼ାଦରରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଏବଂ ଅନ୍ୟାନ୍ୟ ଉପକରଣ କିଣାଯାଇଛି। ଯେଉଁଥିପାଇଁ ସଂସ୍ଥାକୁ ବହୁ ଟଙ୍କାର କ୍ଷତି ସହିବାକୁ ପଡିଛି। ୧୦ ଲକ୍ଷ ଲେଖାଏଁ ଟଙ୍କା ବ୍ୟୟରେ ଡାଲୋ ଏବଂ କୋଲିପାଳ ଗ୍ରାମରେ ଦୁଇଟି ଆଦର୍ଶ ନର୍ସରୀ ନିର୍ମାଣ କରାଯାଇଥିବାବେଳେ କୃଷି ଅଧିକାରୀଙ୍କ ବିନା ପରାମର୍ଶ ଏବଂ ଆଂଶିକ କାମ କରି ଅଧାରୁ ଅଧିକ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ସମସ୍ତ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ପ୍ରକଳ୍ପ ପରିଚାଳକ ନିଜ ଇଚ୍ଛାରେ ଟଙ୍କା ଖର୍ଚ୍ଚ କରିବା ସହ ଅର୍ଥ ଆତ୍ମସାତ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପ୍ରକଳ୍ପ ପରିଚାଳକ ରାଜେନ୍ଦ୍ର ପଟ୍ଟନାୟକଙ୍କୁ ତାଙ୍କ ଫୋନ ନମ୍ବର ୭୦୭୭୫୩୮୪୬୫, ୬୩୭୨୬୯୭୯୦୭ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ସୁଇଚ ଅଫ ଥିବାରୁ ମତାମତ ମିଳିପାରିନାହିଁ। ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ କୁହନ୍ତି, ଉକ୍ତ ଏନଜିଓ ବିରୋଧରେ ପୂର୍ବରୁ ମଧ୍ୟ ବହୁ ଅଭିଯୋଗ ହୋଇଛି। କିଛି ଦୁର୍ନୀତିର ପ୍ରମାଣ ମଧ୍ୟ ମିଳିଛି। ଏବେ ଆସିଥିବା କନିଷ୍ଠ କୃଷି ଅଧିକାରୀଙ୍କ ଅଭିଯୋଗର ତଦନ୍ତ ହେବ। ତଦନ୍ତ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଫଟୋଗ୍ରାଫର୍ସ ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା



ଆସୋସିଏଶନର କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୨୬।୯

ଅନୁଗୋଳ ଫଟୋଗ୍ରାଫର୍ସ ଆସୋସିଏଶନ୍ ପକ୍ଷରୁ ଏକ ସାଧାରଣ ବୈଠକ ସ୍ଥାନୀୟ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଦିଲୀପ କୁମାର ଧୀରସାମନ୍ତଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ଏହି ବୈଠକରେ ସଂଘର ଆଇନ ପରାମର୍ଶଦାତା ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ସଂଘର ସଦସ୍ୟମାନେ ଯୋଗଦାନ କରିଥିଲେ। ଏଥିରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଦିଲୀପ କୁମାର ଧୀରସାମନ୍ତଙ୍କୁ ସଭାପତି, ମନୋଜ କୁମାର ପାଲଙ୍କୁ ଉପସଭାପତି, ରାକେଶ ପ୍ରଧାନଙ୍କୁ ସମ୍ପାଦକ, ସୋଲେନ୍ କୁମାର ସାହୁ ସହ ସମ୍ପାଦକ ଓ ଦୀନବନ୍ଧୁ ସାହୁଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଫଟୋଗ୍ରାଫର ରଣଜିତ କୁମାର ଜେନା, ମାନସ କୁମାର ସାହୁ, ଅଭୟ ସେନାପତି, ପ୍ରଦୀପ ନାୟକ, ରମେଶ ସାମଲ, ବିଷ୍ଣୁନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦୀନଦୟାଲଙ୍କ ଆଦର୍ଶ ଉପରେ ଆଲୋକପାତ

ଛେଣ୍ଡିପଦା/ ପବିତ୍ରନଗର/ଅନୁଗୋଳ
୨୬।୯ (ଡି.ଏନ.ଏ.)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭାରତୀୟ ଜନସଂଘ ପ୍ରତିଷ୍ଠାତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନିର୍ବାଚନ ମଣ୍ଡଳୀ ସଙ୍ଗଠକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀନଦୟାଲଙ୍କ ଜୀବନୀ, ନୀତି ଆଦର୍ଶ ଉପରେ ଆଲୋଚନା ହୋଇଥିଲା। ସେହିପରି ଛେଣ୍ଡିପଦା ଅଞ୍ଚଳରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ସରପଞ୍ଚ ସୁଧାକର ବେହେରା, ସମିତିସଭ୍ୟ ଟୁନା ପ୍ରଧାନ, ରବି ବେହେରା, ଅଶ୍ୱିନୀ ସାହୁ, ବିମଳ ରାଉଳ, ମନୋରଞ୍ଜନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ପବିତ୍ରନଗର ଠାରେ ପବିତ୍ରନଗର କ୍ଲବ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ କରାଯାଇଛି। ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଶାନ୍ତନୁ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପବିତ୍ରନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ପ୍ରଧାନ ଓ ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଶିବାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଅନୁଗୋଳ ଭାଜପା ଜିଲା କାର୍ଯ୍ୟାଳୟ ଠାରେ ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଉପସ୍ଥିତ ଥିଲେ। ସଫେଇ କାର୍ଯ୍ୟକ୍ରମ ପରେ ସ୍ୱର୍ଗତ ଉପାଧ୍ୟାୟଙ୍କ ସହିତ ସହରରେ ଥିବା ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବସନ୍ତ ମଞ୍ଜରୀ ପ୍ରଧାନ, ଅନୁଗୋଳ ନଗର ସଭାପତି ନମିତା ଦଳବେହେରା, ସଂଘମିତ୍ରା ପ୍ରଧାନ, ସୁଷମା ବେହେରା, ମାଧବୀ ମହାପାତ୍ର, ରୋଜାଲିନ ଦାସ, କଳ୍ପନା ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଆରଟିଓ ପକ୍ଷରୁ କଲେଜରେ କ୍ୟାମ୍ପ ହେଉ

ଆଠମଲ୍ଲିକ,୨୬।୯(ଡି.ଏନ.ଏ.)

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଅନୁଗୋଳ ଆରଟିଓଙ୍କ ପକ୍ଷରୁ ଏକ କ୍ୟାମ୍ପ କରାଯାଇ ଛାତ୍ରୀଛାତ୍ରଙ୍କୁ ଗାଡ଼ି ଚାଳନା ଲାଇସେନ୍ସ ପ୍ରଦାନ କରାଯାଉ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଦିଲୀପ କୁମାର ସିଂହସାମନ୍ତ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମହାବିଦ୍ୟାଳୟକୁ ବହୁ ଛାତ୍ରୀଛାତ୍ର ଦୁଇ ଚକିଆ ଯାନ ଧରି ଆସୁଛନ୍ତି। ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସର୍ତ୍ତାବଳୀ ପୂରଣ କରିବା ଦିଗରେ ଆରଟିଓ ପକ୍ଷରୁ ଏପରି କ୍ୟାମ୍ପ କରାଗଲେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରିବେ। ଏ ନେଇ ଆବଶ୍ୟକ ସୁବିଧା ସୁଯୋଗ କଲେଜ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସିଂହସାମନ୍ତ ପ୍ରକାଶ କରିଛନ୍ତି।

■ପୂଜା ଉତ୍ସବରେ ଖୋଜାପଡନ୍ତି ଗୋକୁଳା

# ଷ୍ଟାଚ୍ୟୁ ହୋଇ କରନ୍ତି ମନୋରଞ୍ଜନ

ବଅଁରପାଳ, ୨୬।୯(ଡି.ଏନ.ଏ.)

ପୂଜା ପର୍ବ ପର୍ବାଣି ହେଉ ବା ଯାତ୍ରା, ମନୋରଞ୍ଜନ କଥା ଉଠିଲେ ଆଗକୁ ଆସେ ଗୋକୁଳା ପଟେଲଙ୍କ ନାଁ। ଯେ କୌଣସି ପୂଜା ହେଲେ ପୂଜା କମିଟି ପକ୍ଷରୁ ସେ ଖୋଜାପଡନ୍ତି। ବିଭିନ୍ନ ମଣ୍ଡପରେ ଦୀର୍ଘ ୪ରୁ ୫ ଘଣ୍ଟା ଧରି ଅବିକଳ ମୂର୍ତ୍ତି ପରି ସ୍ଥିର ଭାବେ ଛିଡା ହୋଇ ସେ ଲୋକଙ୍କ ମନୋରଞ୍ଜନ କରନ୍ତି। ଏହି କଳା ତାଙ୍କୁ ଏକ ନିଆରା ପରିଚୟ ଦେଇଥିବାବେଳେ ଭଲ ଦୁଇ ପଇସା ମଧ୍ୟ ଏଥିରୁ ରୋଜଗାର କରିପାରନ୍ତି ବୋଲି ସେ କୁହନ୍ତି। ନିକଟରେ ଅନୁଗୋଳ ଜିଲା ନାଲ୍‌କୋନଗରଠାରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ କଳା ପ୍ରଦର୍ଶନ କରିବାକୁ ତାଙ୍କୁ ଡାକରା ପଡିଥିଲା। ଆଉ ସେ ମଧ୍ୟ କାହାକୁ ନିରାଶ ନ କରି ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରିଥିଲେ।

ଗୋକୁଳାଙ୍କ ନିଜ ଘର ବଲାଙ୍ଗୀର ସହରରେ। ବୟସ ପ୍ରାୟ ୫୦ ହେବ। ବଲାଙ୍ଗୀରଠାରେ ଥିବା ଏକ ଘରୋଇ କମ୍ପାନୀରେ ସେ ଚାକିରି କରନ୍ତି। ହେଲେ ତାଙ୍କ କଳା ତାଙ୍କୁ



ଗୋକୁଳା ପଟେଲ।



ହନୁମାନ ବେଶରେ ଗୋକୁଳା।

କୌଣସି ଗୋଟିଏ କାର୍ଯ୍ୟରେ ସୀମିତ ରଖିପାରିନି। ଡାକରା ପାଇଲା ମାତ୍ରେ ସେ କାମ ଛାଡି ଚାଲିଆସନ୍ତି। ବିଭିନ୍ନ ପୂଜା କମିଟିର ମଣ୍ଡପ ଆଗରେ ବିଭିନ୍ନ ବେଶ ହୋଇ ଷ୍ଟାଚ୍ୟୁ ପରି ୪ରୁ ୫ ଘଣ୍ଟା ସ୍ଥିର ହୋଇଛିଡା ହୋଇ ରହିଥାନ୍ତି। କେତେବେଳେ ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷଙ୍କ ବେଶରେ ତ କେତେବେଳେ ବିଭିନ୍ନ ଠାକୁରଙ୍କ ବେଶରେ ସଜେଇ ହୋଇ ଦର୍ଶକଙ୍କ ମନୋରଞ୍ଜନ କରନ୍ତି। ଦିଲ୍ଲୀ, ମହାରାଷ୍ଟ୍ର, କଟକ ବାଲିଯାତ୍ରା, କଲିକତାର କାଳୀ ପୂଜା, ଢେଙ୍କାନାଳର ଲକ୍ଷ୍ମୀପୂଜା, ନାଲକୋର ବିଶ୍ୱକର୍ମା ପୂଜା, ସମ୍ବଲପୁରର ଶୀତଳ ଷଷ୍ଠୀ ଭଳି ବଡ ତଥା ପ୍ରସିଦ୍ଧ ପୂଜାରେ ଷ୍ଟାଚ୍ୟୁ ହେବାକୁ ତାଙ୍କୁ ଖୋଜାଯାଏ। ଏଥିପାଇଁ ପୂର୍ବରୁ ଏ ବାବଦରେ ବଇନା (ଟଙ୍କା) ମଧ୍ୟ ଦିଆଯାଏ। ଏ ସମ୍ପର୍କରେ ଗୋକୁଳା କୁହନ୍ତି, ଷ୍ଟାଚ୍ୟୁ ହୋଇ ଲୋକଙ୍କ ମନୋରଞ୍ଜନ କରିବା ତାଙ୍କର ବେଶ୍ ପସନ୍ଦ। ବେଳେବେଳେ ଲୋକେ ଷ୍ଟାଚ୍ୟୁ ଅସଲି କି ନକଲି ଜାଣିବା ପାଇଁ ଦେହରେ କଣ୍ଟା ଭଳି ଜିନିଷ ମଧ୍ୟ ଫୋଡି ଦେଇଥାନ୍ତି। ଆଉ କେତେ ଲୋକ ପାଖକୁ ଆସି ମୂର୍ତ୍ତି ଭଳି ଛିଡା ହୋଇଥିବା ସମୟରେ ହଲାଇବାକୁ ଉଦ୍ୟମ କରି ମଜା ଉଠାଇଥାନ୍ତି। ହେଲେ ସବୁ ବାଧା ସହି ମଧ୍ୟ ୪/୫ ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ହୋଇ ସେ ରହିପାରନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିବା ଗୋକୁଳା କହିଛନ୍ତି।

■୫ ଦିନ ହେଲା ଅନ୍ଧାରରେ ମାଗୁରାଖାଲ

# ରେଞ୍ଜ କାର୍ଯ୍ୟାଳୟ, ବିଦ୍ୟୁତ୍ ଷ୍ଟ୍ରକ୍ଚର ଘେରାଉ

ବନ୍ତଲା, ୨୬।୯(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ରେଞ୍ଜ ଓ ବିଦ୍ୟୁତ୍ ଷ୍ଟ୍ରକ୍ଚର ଅଧୀନରେ ଥିବା ମାଗୁରାଖାଲ ଗ୍ରାମରେ ୫ ଦିନ ହେଲା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଗୁରୁବାର ସକାଳେ ବନ୍ତଲା ରେଞ୍ଜ କାର୍ଯ୍ୟାଳୟ ଓ ବନ୍ତଲା ବିଦ୍ୟୁତ ଷ୍ଟ୍ରକ୍ଚରକୁ ଘେରାଉ କରିଥିଲେ। ବିଦ୍ୟୁତ ନ ଥିବା ଯୋଗୁ ଲୋକେ ବନ୍ୟପ୍ରାଣୀ ପ୍ରବେଶ ନେଇ ଭୟରେ ରହୁଥିଲେ ମଧ୍ୟ ବନ କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ।

ଘଟଣାରୁ ଜଣାପଡିଛି, ଅନୁଗୋଳ ଜିଲାର ବିଭିନ୍ନ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ୧୧ କେଭି ବିଦ୍ୟୁତ୍ ତାରରେ ହୁକ ପକାଇ ପ୍ରାଣୀ ଶିକାର କରାଯାଉଛି। କେତେଜଣ ଶିକାରୀ ବାରଗୌଣିଆ ପାଣ୍ଡୁରୀଗୁଣି ଠାକୁରାଣୀ ପିଢ଼ ନିକଟରେ ୧୧ କେଭିରେ ହୁକ ପକାଇ ଶିକାର ପାଇଁ ଦୀର୍ଘ ଦୁଇ କିଲୋମିଟର ପର୍ଯ୍ୟନ୍ତ ତାର ବିଛାଇଥିଲେ। ପାଟ୍ରୋଲିଂବେଳେ ବନ ବିଭାଗ ଏହା ଜାଣିପାରି ବିଦ୍ୟୁତ୍ ବିଭାଗକୁ ଖବର ଦେବା ସହ ବିଛା ଯାଇଥିବା ତାର ଜବତ କରାଯାଇଥିଲା। ଏ ନେଇ ବନ୍ତଲା



ଗ୍ରାମବାସୀ ବିଦ୍ୟୁତ୍ ଷ୍ଟ୍ରକ୍ଚର ଘେରାଉ କରିଛନ୍ତି।

ଥାନାରେ ବନ୍ତଲା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏହିଭଳି ଦୁଇଥର ତାର ଜବତ ହେବା ପରେ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଅନୁଗୋଳ ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଗତ ୨୧ ତାରିଖରେ ବାରଗୌଣିଆ ଠାରୁ ୧୧ କେଭି ତାରରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ବିଦ୍ୟୁତ୍ ସଂଯୋଗ ପାଇଁ ଗ୍ରାମବାସୀ ବିଭାଗକୁ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରି ମାଗୁରାଖାଲ ଅଧିବାସୀ ବନ୍ତଲା ରେଞ୍ଜ କାର୍ଯ୍ୟାଳୟ ଓ ବନ୍ତଲା ବିଦ୍ୟୁତ୍ ଷ୍ଟ୍ରକ୍ଚର ଘେରାଉ କରିଥିଲେ। ପରେ ବନ୍ତଲା ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଏ ନେଇ ଏସଡ଼ିଓଙ୍କୁ ଜଣାଇଥିଲେ। ଏସଡିଓ ସମସ୍ତ ଘଟଣା ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇବା ପରେ ଘଟଣାର ସମାଧାନ ହୋଇଥିଲା। ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ନିର୍ମଳ କୁମାର ମହନ୍ତ କୁହନ୍ତି, ଲୋକଙ୍କ ସହଯୋଗ ବିନା ବିଦ୍ୟୁତ୍ ସଂଯୋଗ ଦେବା ସମ୍ଭବ ନୁହେଁ। ବାରମ୍ବାର ତାରରେ ହୁକ ପକାଯାଇ ପ୍ରାଣୀ ଶିକାର କରାଯାଉଛି। ଏଥିଯୋଗୁ ହାତୀ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ସମେତ ମଣିଷଙ୍କ ଜୀବନ ମଧ୍ୟ ଯାଉଛି। ହୁକ ପକାଇ ଶିକାର ଘଟଣାକୁ ନେଇ ଦୁଇଥର ବନ୍ତଲା ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ବନ ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଛି।

■ଜିଲାସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

# ଚାଷୀଙ୍କ ନିକଟରେ ଭୂଚେତନା ପ୍ରକଳ୍ପ ବାର୍ତ୍ତା ପହଞ୍ଚାଅ

ଅନୁଗୋଳ ଅଫିସ, ୨୬।୯

ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ଇକ୍ରିସାଟ୍‌ର ମିଳିତ ଆନୁକୂଲ୍ୟରେ ଭୂଚେତନା ପ୍ରକଳ୍ପର ଏକ ଦୁଇ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୂଚେତନା ପ୍ରକଳ୍ପ ମାଧ୍ୟମରେ ଗତବର୍ଷ ଅନୁଗୋଳ ଜିଲାରେ କିପରି ୧୦୨୦ ମାଟିର ନମୁନା ପରୀକ୍ଷା କରାଯାଇ ଭଲ ଫସଲ ଅମଳ କରାଯାଇଥିଲା ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ କୃଷି ବିଭାଗ କାର୍ଯକର୍ତ୍ତାଙ୍କ ଦ୍ୱାରା ଏହି ବାର୍ତ୍ତା ଚାଷୀଙ୍କ ନିକଟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ କୃଷି ବିଭାଗରେ କାର୍ଯ୍ୟରତ ମୋଟ୍ ୨୫ ଜଣ ଅଧିକାରୀ ଅଂଶଗ୍ରହଣ କରିଥିବାବେଳେ ଜିଲାର ସମସ୍ତ କୃଷି ନିର୍ଦ୍ଦେଶକ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ମୋଟ୍ ୫୦ ଜଣ ଉପସ୍ଥିତ ଥିଲେ। ଜିଲା କୃଷି ଉପନିର୍ଦ୍ଦେଶକ ବିଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂଚେତନା ପ୍ରକଳ୍ପର ମୂଳ ଲକ୍ଷ୍ୟ ଉପରେ ବକ୍ତବ୍ୟ କରିଥିଲେ।




ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ କୃଷି କାର୍ଯ୍ୟାଳୟର ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ ଓ ଅନ୍ୟମାନେ।

ସେହିପରି ଇକ୍ରିସାଟ୍‌ର ବୈଜ୍ଞାନିକ ତଥା ଭୂଚେତନା ପ୍ରକଳ୍ପର ଜିଲା ସମନ୍ୱୟକାରୀ ଅଧିକାରୀ ଡ. ଅଭିରାଜ ଦତ୍ତ, ଫାଉଣ୍ଡେଶନ ଫର ଇକୋଲୋଜିକାଲ ସୋସାଇଟିର ମୁଖ୍ୟ ସ୍ୱପ୍ନା ଷଡଙ୍ଗୀ, ଇକ୍ରିସାଟ୍‌ର ସାଇଣ୍ଟିଫିକ୍ ଅଫିସର ତାପସ ପାଣିଗ୍ରାହୀ ଓ ଭୂଚେତନା ପ୍ରକଳ୍ପର ରିସର୍ଚ୍ଚ ଟେକ୍ନିସିଆନ ଅଶୋକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲାରେ ଭୂଚେତନା ପ୍ରକଳ୍ପ ଦ୍ୱାରା ହୋଇଥିବା ବିଭିନ୍ନ ମାଟି ଓ କୃଷି ଜନିତ କାର୍ଯ୍ୟକ୍ରମ, ମୃତ୍ତିକାର ଠିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାର ପରିଚାଳନା, ଉନ୍ନତମାନର ଫସଲ ପରିଚାଳନା, ସମନ୍ୱିତ ରୋଗ ଓ ପୋକ ପରିଚାଳନା ଆଦି ଉପରେ ଆଲୋଚନା କରାଯାଇଥିଲା। ପ୍ରଥମାଂଶରେ ଇକ୍ରିସାଟ୍‌ର ବୈଜ୍ଞାନିକ ଡ. ଅଭିରାଜ ଦତ୍ତ ପ୍ରକଳ୍ପର ସାଧାରଣ ସମୀକ୍ଷା କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଉନ୍ନତମାନର ଫସଲ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ରସାୟନବିତ ହେମନ୍ତ କୁମାର ପଡ଼ିହାରୀ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା ଓ ପରିଚାଳନା ଉପରେ ମନ୍ତବ୍ୟ ରଖିଥିଲେ। ସହକାରୀ କୃଷି ଅଧିକାରୀ ଲୋପମୁଦ୍ରା ସାହୁ ସମନ୍ୱିତ ରୋଗ, ପୋକ ପରିଚାଳନା ଉପରେ ଆଲୋକପାତ କରିଥିଲେ।

ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ଖଇରା, ୨୬।୯(ଡି.ଏନ.ଏ.):** ବହୁ ବାଦ ବିବାଦ ଆରୋପ ପ୍ରତ୍ୟାରୋପ ପରେ ଖଇରା ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ର ବାଘୁଆ ନୋଡାଲ ହାଇସ୍କୁଲର ସହକାରୀ ଶିକ୍ଷକ ଗୋବିନ୍ଦ ସେଠୀଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଛାତ୍ରୀଙ୍କୁ ଅସଦାଚରଣ ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ବିଦ୍ୟାଳୟରେ ରାଜନୀତି ଜୋର ଧରିଥିଲା। ଗୋଟିଏ ଗୋଷ୍ଠୀ ଅଭିଯୋଗକୁ ସତ ପ୍ରମାଣିତ କରିବାକୁ ଉଦ୍ୟମ କରୁଥିବା ବେଳେ ପରିଚାଳନା କମିଟି ସଦସ୍ୟମାନେ ଏହା ଏକ ଷଡଯନ୍ତ୍ର ଏବଂ ଶିକ୍ଷକଙ୍କ ଫସାଇବାକୁ ଚକ୍ରାନ୍ତ କରାଯାଉଥିବା ନେଇ ଦାବି କରି ଆସୁଥିଲେ। ବୁଧବାର ଶିକ୍ଷାଧିକାରୀ ପାତ୍ର ଖଇରା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ ଓ ୨ଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ପଠାଇ ତଦନ୍ତ କରିବା ପରେ ଗୁରୁବାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

### ହୃଦ୍‌ଘାତରେ ୨ଜଣଙ୍କ ମୃତ୍ୟୁ

**ବାହାନଗା,୨୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଓ ଅଞ୍ଜି ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କର ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେମାନେ ହେଲେ ବିନୋଦ ଦାସ(୪୫) ଓ ସୁଦର୍ଶନ ନାୟକ(୬୦)। ବିନୋଦଙ୍କ ଘର ଜଳେଶ୍ୱର ଥାନା କର୍ମଦ୍ଧା ଅଞ୍ଚଳରେ ଓ ସୁଦର୍ଶନଙ୍କ ଘର ଅଞ୍ଜି ଗ୍ରାମରେ। ବିନୋଦ ଜାତୀୟ ରାଜପଥ କଡରେ ଥିବା ସାଇରାମ ହୋଟେଲରେ କାମ କରୁଥିଲେ। ସେହିପରି ସକାଳେ ସୁଦର୍ଶନଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସୋର ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଥିବା ବେଳେ ବିନୋଦଙ୍କ ମୃତ୍ୟୁକୁ ନେଇ ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସଜନାଗଡ଼, ୨୬।୯(ଡି.ଏନ.ଏ.):** ଗତ ମଙ୍ଗଳବାରଠାରୁ ନିଖୋଜ ଥିବା ନୀଳଗିରି ବ୍ଲକ ଆଡ଼ିଆଖୁଣ୍ଟା ଗ୍ରାମର ଟନ ସିଂ(୩୩)ଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ସେ ମାଟିଆଳିସ୍ଥିତ କମଳାନାଳ ନିକଟକୁ ମାଛ ଧରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ନୀଳଗିରି ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲା। ଗୁରୁବାର ଉକ୍ତ ନାଳ ନିକଟକୁ ସ୍ଥାନୀୟ ଲୋକେ ଯାଇଥିବାବେଳେ ମୃତଦେହ ଦେଖି ଅଯୋଧା ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲା। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୧୯) ରୁଜୁ କରାଯାଇଛି।

### ଯତୀନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା

**ରୂପ୍‌ସା, ୨୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅବିଭକ୍ତ ରାଉତପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାପାତ୍ରଙ୍କ ସ୍ମୃତିସଭା ତାଙ୍କ ଏକାଦଶାହ ଉପଲକ୍ଷେ ଗୁରୁବାର ବାଖରାବାଦସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର ଅଧକ୍ଷତା କରିଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ବଂଶୀଧର ପାଣି, ବିକାଶ ପରିଷଦର ସମ୍ପାଦକ ସୁଧାକର ଗିରି, ଶିକ୍ଷାବିତ୍ ଅକ୍ଷୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ମଦନମୋହନ ଜେନା ଓ ଦେବାଶିଷ ମହାପାତ୍ର, ନିରଞ୍ଜନ ବାରିକ, ବଂଶୀଧର ଦାସ ପ୍ରମୁଖ ଯୋଗଦେଇ ଯତୀନ୍ଦ୍ରଙ୍କ ସମାଜସେବା ଓ ତାଙ୍କ ସରପଞ୍ଚ ପ୍ରତିନିଧିତ୍ୱ ସମୟରେ ହୋଇଥିବା ବିକାଶ ଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କର ଦୁଇପୁଅ ତାପସକାନ୍ତି ମହାପାତ୍ର ଓ ତୁଷାରକାନ୍ତି ମହାପାତ୍ରଙ୍କ ସମେତ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବହୁ ବ୍ୟକ୍ତି ସଭାରେ ରହି ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

■ବୈଷ୍ଣବ ପୋଖରୀ ପୁନରୁଦ୍ଧାର ମାମଲାର ରାୟ

# ‘ଏପ୍ରିଲ ସୁଦ୍ଧା ମାଟି ଉଠା କାର୍ଯ୍ୟ ସାର’

**ଢେଙ୍କାନାଳ ଅଫିସ, ୨୬।୯**

ଐତିହ୍ୟସମ୍ପନ୍ନ ବୈଷ୍ଣବ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ଯୋଗୁ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଅଦାଲତ। ୨୦୨୦ ଏପ୍ରିଲ ସୁଦ୍ଧା ମାଟିଉଠା କାର୍ଯ୍ୟ ଶେଷ କରିବା ସହ ପୋଖରୀର ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପୌରାଞ୍ଚଳ ଅଧୀନ ୨୨ନଂ. ୱାର୍ଡରେ ଥିବା ପ୍ରାଚୀନ ବୈଷ୍ଣବ ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଭାବେ ପୋତି ହୋଇଯାଇଛି। ନିକଟରେ ଶ୍ମଶାନ ଥିବାରୁ ଏହି ପୋଖରୀକୁ ଶୁଦ୍ଧି କାମରେ ବ୍ୟବହାର କରାଯାଉଥିଲା। ହେଲେ ପୋଖରୀ ଏବେ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଅଞ୍ଚଳବାସୀଙ୍କ ସମେତ ଜୀବଜନ୍ତୁ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ସୁଫଳ ମିଳିଲାନାହିଁ। ଫଳରେ ଆଇନଜୀବୀ ପୁଷ୍ପକ ତ୍ରିପାଠୀ ଜିଲା ଆଇନସେବା ପ୍ରାଧିକରଣର ସ୍ଥାୟୀ ଲୋକ ଅଦାଲତରେ ପୌରସଂସ୍ଥାକୁ ପକ୍ଷ କରି ପିଏଲ୍‌ଏ କେସ୍ ନଂ.୩୭/୨୦୧୮ରେ ମାମଲା ଦାଏର କରିଥିଲେ। ଏହା ଜନସମସ୍ୟା ସେବା ସମ୍ବନ୍ଧୀୟ ବିବାଦ ହୋଇଥିବାରୁ ସ୍ଥାୟୀ ଲୋକ ଅଦାଲତ ଉକ୍ତ ମାମଲାକୁ ବିଚାର ଲାଗି ଗ୍ରହଣ କରିବା ସହ ନିର୍ବାହୀ ଅଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ଏହାପରେ ପୌର କର୍ତ୍ତୃପକ୍ଷ ପୋଖରୀର କିଛି ଅଂଶ ପୁନରୁଦ୍ଧାର କରିଥିଲେ। ହେଲେ ବର୍ଷା ଯୋଗୁ କାମ ସମ୍ଭବପର ହୋଇ ନ ଥିଲା। ଏ ସଂକ୍ରାନ୍ତରେ ଅଭିଯୋଗକାରୀ ଏବଂ ପ୍ରତିପକ୍ଷ ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ବିରଞ୍ଚି ନାରାୟଣ ରଥ, ସଦସ୍ୟ ବିଭୁଦେନ୍ଦୁ ପଟ୍ଟନାୟକ, ହରେକୃଷ୍ଣ କର ମାମଲାର ଶୁଣାଣି କରିଥିଲେ।

୨୦୨୦ ଏପ୍ରିଲ ସୁଦ୍ଧା ପୌରସଂସ୍ଥା ପୋଖରୀରୁ ସମ୍ପୂର୍ଣ୍ଣ ମାଟିଉଠା କାମ ଶେଷ କରିବ। ଗାର୍ଡୱାଲ ସମ୍ମୁଖରେ ପକାଯାଇଥିବା ମାଟି ଉଠାଇ ପୋଖରୀ ହୁଡାରେ ପକାଇବ। ପୋଖରୀର ଚଉହଦି ମାପ କରାଯିବ। ଜବରଦଖଲ ଥିଲେ ଜିଲା ପ୍ରଶାସନ ସହାୟତାରେ ଉଚ୍ଛେଦ କରିବ। ପୌରସଂସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କଲେ ଆବେଦନକାରୀ କୌଣସି କ୍ଷତିପୂରଣ ପାଇବେ ନାହିଁ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି।

## ଡାକ୍ତରଙ୍କୁ ମାଡ଼ ମାରି ୨ ଗିରଫ

**ଠାକୁରମୁଣ୍ଡା,୨୬।୯(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାରେ ଗତ ୨୩ ତାରିଖରେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଠେଲାପେଲା କରିବା ସହ ଓ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି କରଞ୍ଜିଆ ପୋଲିସ ମୃତ ମହିଳାଙ୍କ ପରିବାରର ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। କରଞ୍ଜିଆ ଏନଏସି ଅନ୍ତର୍ଗତ ୬ ନମ୍ବର ୱାର୍ଡର ଦିଲୀପ କୁମାର ସାହୁଙ୍କ ସ୍ତ୍ରୀ ମାନ୍ଦାକିନୀଙ୍କର ଚିକିତ୍ସାଧିନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ମୃତାଙ୍କ ସମ୍ପର୍କୀୟମାନେ ଡା. ଲକ୍ଷ୍ମୀଧର ମହାନ୍ତଙ୍କୁ ଠେଲାପେଲା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏଥିନେଇ ଡାକ୍ତରମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ରୋଗୀମାନେ ଚିକିତ୍ସା ନ ପାଇ ଅନ୍ୟତ୍ର ପଳାଇ ଯାଉଛନ୍ତି।

## ଶୃଙ୍ଖଳା ଛାତ୍ର ଜୀବନର ଆଧାରଶିଳା




ବୈଠକରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୬।୯**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ ମହାବିଦ୍ୟାଳୟରେ ବୁଧବାର ଶିକ୍ଷକ-ଅଭିଭାବକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ଅଧକ୍ଷତା କରି କହିଲେ, ଶୃଙ୍ଖଳା ଏବଂ କଠିନ ପରିଶ୍ରମ ଛାତ୍ର ଜୀବନର ଆଧାରଶିଳା। ଏହାକୁ ପାଥେୟ କରି ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ଏବଂ ସମାଜର ସମ୍ବଳ ହୋଇପାରିବ। ଶିକ୍ଷକ-ଅଭିଭାବକ ସମନ୍ୱୟର ଅଧିକାରୀ ଡ. ସୁଚେତା ମିଶ୍ର ବୈଠକର ଆବଶ୍ୟକତା ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଧାପିକା ଡ. ମାନସୀ କର, ଅଧାପକ ଡ. ରମେଶ ପ୍ରସାଦ ମିଶ୍ର, ନୀଳକଣ୍ଠ ଦାସ, ମନୋଜ କୁମାର ରାଉତ, ତ୍ରିଲୋଚନ ସାହୁ ପ୍ରମୁଖ ସମାଜରେ ନୈତିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଅଧାପକ ଗୁରୁଚରଣ ରାଉତରାୟ, ପ୍ରଣବ କୁମାର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଆଚାର୍ଯ୍ୟାମାନେ।

**ସାତମାଇଲ, ୨୬।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ଚିଉଲପୁରସ୍ଥିତ ଉଗ୍ରେଶ୍ୱର ମହାଦେବଙ୍କ ପୀଠରେ ଗୁରୁବାର ଏକଲ ଅଭିଯାନ ପକ୍ଷରୁ ମିଳିତ ଅଭ୍ୟାସ ବର୍ଗ ଉଦ୍‌ଘାଟିତ ହୋଇଯାଇଛି। ଖଜୁରିଆକଟା ସଞ୍ଚ ସଦସ୍ୟ ବାନାମ୍ବର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଦଣ୍ଡଧର ପତି, ସମ୍ମାନିତ ଅତିଥି ଅଞ୍ଚଳ ସଭାପତି ଗିରିଜା ଶଙ୍କର ସାହୁ, ଅଞ୍ଚଳ ପ୍ରମୁଖ ନିର୍ମଳ ସାହୁ, ରାସୋଳ ସମିତି ସଭାପତି ହେମନ୍ତ ସାହୁ, ସାମାଜିକ କର୍ମୀ ନରେଶ ପାଳ, ପ୍ରଶାନ୍ତ ଜେନାମଣି ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରାଇଥିଲେ। ଅଭିଯାନ ଅଧୀନରେ କାର୍ଯ୍ୟରତ ଆଚାର୍ଯ୍ୟାମାନେ ଗ୍ରାମାଞ୍ଚଳରେ ଶିକ୍ଷା ବିକାଶର ଦୂତ ସାଜିଛନ୍ତି। ସେମାନେ ରାଷ୍ଟ୍ର ନିର୍ମାଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ହାତକୁ ନେଇଛନ୍ତି। ଏହାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଅକାରଣ ବେହେରା, ବିରଜା ସାହୁ, ଗିରୀଶ ସେଠୀ, ବିମଳ ମହାପାତ୍ର, ରଣଜିତ୍ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଜୁରିଆକଟା-ରାସୋଳ ସଞ୍ଚର ସମସ୍ତ ଆଚାର୍ଯ୍ୟା ଅଭ୍ୟାସ ବର୍ଗରେ ଅଂଶଗ୍ରହଣ କରିଥିଲେ।

## ଶିଶୁର ଅସ୍ୱାଭାବିକ ମୃତ୍ୟୁ

**ଖଇରା,୨୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମରେ ଥିବା ଆଦିବାସୀ ସାହିର ଜଣେ ୬ବର୍ଷର ଶିଶୁପୁତ୍ରଙ୍କ ବୁଧବାର ସନ୍ଧ୍ୟାରେ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ରାମଚନ୍ଦ୍ର ହାଁସଦାଙ୍କ ପୁଅ ସତ୍ୟ ନାରାୟଣ ବୁଧବାର ସକାଳେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ମା’ ବାସନ୍ତୀଙ୍କୁ ଜଣାଇଥିଲେ। ରାମଚନ୍ଦ୍ର ତାଙ୍କୁ ସ୍ଥାନୀୟ କ୍ଲିନିକ୍ ନେଇ ସେଠାରେ ମେଡିସିନ ଓ ଇଞ୍ଜେକଶନ ଦେଇଥିଲେ। ହେଲେ ସନ୍ଧ୍ୟାରେ ପୁଅ ଆଉ କଥାବାର୍ତ୍ତା ନ କରିବାରୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଖଇରା ପୋଲିସ କହିଛି।

## ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା: ୨ ଗିରଫ

**ଭଦ୍ରକ ଅଫିସ, ୨୬।୯**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାଉତରାଗଡିଆ ପାଟଣାରେ ବିଜୟ ବେହେରା ହତ୍ୟା ଘଟଣାରେ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ସପ୍ତାହକ ପରେ ଅଭିଯୁକ୍ତ ନୀଳମଣି ମହାରଣା(୬୬)ଙ୍କୁ ଭଦ୍ରକ ଷ୍ଟେଶନ ଓ ତାଙ୍କ ପୁଅ ଗୁରୁଙ୍କୁ ଭୁବନେଶ୍ୱର କଳ୍ପନା ଛକରୁ ଗିରଫ କରାଯାଇଥିବା ନେଇ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା ସୂଚନା ଦେଇଛନ୍ତି। ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଅନ୍ୟ ୩ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୃତ ବିଜୟ ନିଜ ଗୃହ ନିର୍ମାଣ ପାଇଁ କିଛିଦିନ ପୂର୍ବେ ବାଲି ଆଣି ରାସ୍ତା ଉପରେ ରଖିଥିଲେ। ଗ୍ରାମର ନୀଳମଣି, ଗୁରୁ, ମନୋଜ ମହାରଣା, ପ୍ରଭାତ ମହାରଣା ଓ ସିଦ୍ଧେଶ୍ୱର ବେହେରା ଏହାକୁ ବିରୋଧ କରୁଥିଲେ। ଏହାକୁ କେନ୍ଦ୍ରକରି ଗତ ୧୯ ତାରିଖ ସନ୍ଧ୍ୟାରେ ବିଜୟଙ୍କ ସହ ଗୁରୁ ଓ ତାଙ୍କ ସହଯୋଗୀଙ୍କ ହାତାହାତି ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ଗୁରୁଙ୍କ ସହଯୋଗୀମାନେ ଲୁହାରଡ୍‌ରେ ବିଜୟଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିଜୟ ଟଳି ପଡ଼ିଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବିଜୟଙ୍କ ସାନଭାଇ ଯୁଧିଷ୍ଠିରଙ୍କ ଏତଲା କ୍ରମେ ପୋଲିସ ମାମଲା (ନଂ. ୫୧୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କ ନେତୃତ୍ୱରେ ଥାନାଧିକାରୀ ପ୍ରଭାଂସୁ ମିଶ୍ର, ପ୍ରଜ୍ଞା ମହାନ୍ତିଙ୍କୁ ନେଇ ଏକ ଟିମ୍ କରାଯାଇ ତଦନ୍ତ ଜାରି ରହିଥିଲା।

# ଦଶହରା ପୂଜା ପ୍ରସ୍ତୁତି ବୈଠକ



ବୈଠକରେ ପୂଜା କମିଟିର କର୍ମକର୍ତ୍ତାମାନେ।

**କାମାକ୍ଷାନଗର, ୨୬।୯(ଡି.ଏନ୍.ଏ.)**

କାମାକ୍ଷାନଗର ଅଞ୍ଚଳରେ ଦଶହରା ଉତ୍ସବ ପାଳନ ଲାଗି ସ୍ଥାନୀୟ ଥାନା ଅଭ୍ୟର୍ଥନା କକ୍ଷରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଅଭିନବ ଡାଲୁଆଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସହରର ସମସ୍ତ ୧୫ଟି ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂଜା ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଟ୍ରାଫିକ୍ ପରିଚାଳନା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳର ସୁବନ୍ଦୋବସ୍ତ, ଯାନବାହନ ପାର୍କିଂ ନେଇ ବିସ୍ତୃତ ଆଲୋଚନା କରାଯାଇଛି। କମିଟି ସଦସ୍ୟ ଏବଂ ମିଳିତ ପୂଜା କମିଟି କର୍ମକର୍ତ୍ତାମାନେ ସମନ୍ୱୟ ରକ୍ଷା କରି ଶାରଦୀୟ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଥାନାଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମଙ୍ଗୁତ୍‌ଲାଲ କଟାରୁକା, ଗୌରାଙ୍ଗ ପୃଷ୍ଟି, ଆଦିତ୍ୟ ଆଚାର୍ଯ୍ୟ, ଦୁଷ୍ମନ୍ତ ନନ୍ଦ, ନିର୍ମଳ ସାହୁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁ ହତ୍ୟା ଅଭିଯୋଗ

**ବାହାନଗା, ୨୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ା ବଜାରରେ ଜଣେ ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ବ୍ୟବସାୟୀଙ୍କ ଦାଦା ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋର ଥାନା କେସିପୁର ଗ୍ରାମର ସଞ୍ଜୀବ ବାରିକ୍(୨୫) ବର୍ଷେ ପୂର୍ବେ ଖନ୍ତାପଡ଼ା ଅଞ୍ଚଳର ସବିତା ବାରିକଙ୍କୁ ପ୍ରେମ ବିବାହ କରିଥିଲେ। ପରେ ସେ ଖନ୍ତାପଡ଼ା ବଜାରରେ ଏକ ଚ୍ୟାଉମିନ୍ ଦୋକାନ କରିବା ସହିତ ବଜାର ମନୋରଞ୍ଜନ ବାରିକଙ୍କ ଘର ଭଡା ନେଇ ସ୍ତ୍ରୀ, ସ୍ୱାମୀ ରହୁଥିଲେ। ବୁଧବାର ରାତିରେ ସେ ବେପାର ସାରି ଘରକୁ ଫେରିବା ପରେ ଖାଇପିଇ ଦମ୍ପତ୍ତି ଶୋଇଥିଲେ। ବିଳମ୍ବିତ ରାତିରେ ଘର ଭିତରେ ସଞ୍ଜୀବ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ତାଙ୍କ ସ୍ତ୍ରୀ ଦେଖିଥିଲେ। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ କୌଣସି ସୁରାକ ପାଇ ନ ପାରିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ପୁତୁରାଙ୍କୁ କେହି ହତ୍ୟା କରି ଟଙ୍ଗାଇ ଦେଇଥିବା ମୃତ ଯୁବକଙ୍କ ଦାଦା ଦିବାକର ଅଭିଯୋଗରେ ଦର୍ଶାଇଛନ୍ତି।

## ସ୍ତ୍ରୀ ମାନ୍ୟତା ଦାବିରେ ଭଙ୍ଗାରୁଜା

**କାମାକ୍ଷାନଗର, ୨୬।୯(ଡି.ଏନ୍.ଏ.)**

ସ୍ତ୍ରୀ ମାନ୍ୟତା ଦାବି କରି ଜଣେ ବଙ୍ଗୀୟ ମହିଳା ଯୁବକଙ୍କ ଘରେ ଭଙ୍ଗାରୁଜା କରିବା ଘଟଣା କାମାକ୍ଷାନଗର ଥାନା ବାଲିଗୋରଡ଼ ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ନେଇ ବୁଝାଶୁଝା କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଲିଗୋରଡ଼ ଗ୍ରାମର ଯୁବକ ଜିତେନ୍ଦ୍ର ସ୍ୱାଇଁ କୌଣସି କାମରେ ରାଉରକେଲା ଯାଇଥିବାବେଳେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶପ୍ରଗଣା ଜିଲା ଠାକୁରପୁକାର ଥାନା ଅଞ୍ଚଳର ରମା ଠାକୁରଙ୍କ ସହ ଦେଖା ହୋଇଥିଲା। ଏହା ପରେ ଉଭୟେ ମୋବାଇଲ ନମ୍ବର ଆଦାନପ୍ରଦାନ କରିଥିଲେ। କିଛିଦିନର କଥାବାର୍ତ୍ତା ପରେ ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା।୨୦୧୦ରେ ଦୁହେଁ କଲିକତାର ଏକ ମନ୍ଦିରରେ ବିବାହ କରିଥିଲେ। ଏହାପରେ ୨୦୧୩ ଜୁନ ୨୨ରେ କୋଲକାତା କୋର୍ଟରେ ରେଜିଷ୍ଟ୍ରି ମ୍ୟାରେଜ କରିଥିଲେ। କିଛିଦିନ ଏକାଠି ରହିବା ପରେ ଗତ ଜୁନ୍‌ରେ ଜିତେନ୍ଦ୍ର ଗାଁକୁ ଆସି ଆଉ ଫେରି ନ ଥିଲେ। ମହିଳାଙ୍କ ସହିତ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଜୁଲାଇରେ ରମା ବାଲିଗୋରଡ଼ ଆସି ଜିତେନ୍ଦ୍ରଙ୍କ ଘର ଆଗରେ ସ୍ତ୍ରୀ ମାନ୍ୟତା ଦାବି କରିବା ସହିତ ଧାରଣାରେ ବସିଥିଲେ। ଏଥିରେ କୌଣସି ସୁଫଳ ନ ମିଳିବାରୁ ଏସପିଙ୍କୁ ଭେଟି ଗୁହାରି କରିବା ସହ ୨୦୧୯ ଜୁଲାଇ ୫ରେ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ.୧୩୫/୧୯ ଦଫା ୪୯୮(ଏ), ୩୧୩, ୩୨୩ରେ ଜିତେନ୍ଦ୍ରଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

ତେବେ ନ୍ୟାୟ ଦାବିରେ ଗୁରୁବାର ସମ୍ପୃକ୍ତ ମହିଳା ପୁଣି ବାଲିଗୋରଡ଼ ଆସି ଜିତେନ୍ଦ୍ରଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏ ନେଇ ଥାନାଧିକାରୀ ଅଭିନବ ଡାଲୁଆ କୁହନ୍ତି, ମହିଳାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ହାଇକୋର୍ଟରୁ ଜାମିନରେ ଆସିଛନ୍ତି। ମାମଲା ଅଦାଲତରେ ବିଚାରାଧୀନ ରହିଛି। ତଥାପି ମହିଳା ଜଣକ ଆଇନକୁ ହାତକୁ ନେଉଛନ୍ତି। ତାଙ୍କୁ ବୁଝାଶୁଝା କରାଯିବା ସହ ଅଦାଲତଙ୍କ ରାୟକୁ ଅପେକ୍ଷା କରିବାକୁ କୁହାଯାଇଛି।

## ଗାଡ଼ିଆରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ବାହାନଗା,୨୬।୯(ଡି.ଏନ.ଏ.)**

ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ଦୋଳପୁର ଗ୍ରାମରେ ଗୁରୁବାର ଗାଡ଼ିଆରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସୁଧାକର ସ୍ୱାଇଁଙ୍କ ପୁଅ ଚକ୍ରଧର(୧୩)। ସୁଧାକର ମା’ ସହିତ ସକାଳେ ବିଲକୁ ଯାଇଥିଲେ। ବିଲରୁ ଉଭୟ ମା’ ପୁଅ ଫେରି ଘରପାଖ ବିଲ ନିକଟ ଛୋଟ ଗାଡିଆରେ ଗୋଡ ଧୋଉଥିଲେ। ପ୍ରଥମେ ମା’ ଚାଲି ଆସିଥିବା ବେଳେ ଚକ୍ରଧରଙ୍କ ଗୋଡ ଖସିଯିବାରୁ ସେ ଗାଡିଆ ଭିତରେ ପଡିଯାଇଥିଲେ। ପାଣି ଭିତରେ ପୁଅ ପଡ଼ିଥିବା ଦେଖି ମା’ ଅନ୍ୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପ୍ରଥମେ ଗୋପାଳପୁର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚକ୍ରଧରଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସାପମକାମୁଡ଼ାରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଆରଆଇ ଓମ୍ ପ୍ରକାଶ ମହନ୍ତ ପହଞ୍ଚି ତଦନ୍ତ କରିଛନ୍ତି।

■ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଲେ ଏମ୍‌ପି

# ‘ସମକକ୍ଷଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କର’




**କାମାକ୍ଷାନଗର, ୨୬।୯(ଡି.ଏନ୍.ଏ.)**

ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଗୁରୁବାର କାମାକ୍ଷାନଗର ପଞ୍ଚାୟତିରାଜ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ସ୍କୁଲର ସମସ୍ୟା ପଚାରିବୁଝିବା ସହ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କରିଥିଲେ। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଏମ୍‌ପି କହିଲେ, ଆଜିର ଛାତ୍ର ଆସନ୍ତା କାଲିର ଗୁରୁ। ଶିକ୍ଷକ ହେବାକୁ ହେଲେ ସବୁ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ ପଡ଼ିବ। ଏଥିଲାଗି ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଥିଲେ। ପୁରୀ ଗୋବର୍ଦ୍ଧନ ପୀଠର ସଙ୍ଗଠନ ସମ୍ପାଦକ ତଥା ଆଦିତ୍ୟ ବାହିନୀ ମହାସଚିବ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅତିଥିଭାବେ ଯୋଗଦେଇ ଭଲମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଶିକ୍ଷାବିତ୍ ମାୟାଧର ପାଣି, ପୂର୍ବତନ ଛାତ୍ର ସଂଘ ସଭାପତି ନିହାରକାନ୍ତ ରାଉତ, ସାମାଜିକକର୍ମୀ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହାପରେ ଏମ୍‌ପି କାମାକ୍ଷାନଗର କଲେଜରେ ପହଞ୍ଚି ଭିତ୍ତିଭୂମି ସମୀକ୍ଷା କରିଥିଲେ। ଉପଜିଲାପାଳଙ୍କ ସମେତ ଡିଗ୍ରୀ କଲେଜ ଅଧକ୍ଷା ବନ୍ଦିତା ମହାନ୍ତି, ଯୁକ୍ତ ୨ ଅଧକ୍ଷ ନିଗମାନନ୍ଦ ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶାଳକାଠ ଜବତ, ଜଣେ ଗିରଫ



ପରଜଙ୍ଗ, ୨୬।୯(ଡି.ଏନ୍.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଗଡ଼ପଳାଶୁଣୀ ବଡ଼ସାହି ଗ୍ରାମ୍ୟ ଜଙ୍ଗଲରେ ଚୋରା କାଠ ଚାଲାଣବେଳେ ଗୁରୁବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅଭିଯୋଗରେ ଗିରଫ ହୋଇଛନ୍ତି ଗଡ଼ପଳାଶୁଣୀ ଗ୍ରାମର କାଠ ବ୍ୟବସାୟୀ ବାବାଜୀ ସିଂ। ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୪ ଘନଫୁଟ ଶାଳକାଠ ଜବତ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି। ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ବେହେରା, ହାତୀ ସ୍କାଡ୍ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ବାର୍ହା ମୃତଦେହ ଉଦ୍ଧାର

ଭାପୁର, ୨୬।୯(ଡି.ଏନ.ଏ): ଢେଙ୍କାନାଳ ସଦର ରେଞ୍ଜ ଅଧୀନ ଭାପୁର ଶୁଳିଆ ଜଙ୍ଗଲ ପାଦଦେଶରେ ଥିବା ଛବିଶି ଘରିଆ କାଜୁ ବଗିଚାରୁ ଗୁରୁବାର ବନ ବିଭାଗ ଏକ ମାଈ ବାର୍ହାର ମୃତଦେହ ଉଦ୍ଧାର କରିଛି। ସ୍ଥାନୀୟ ଲୋକେ ଛତୁ ଖୋଜିବାକୁ ଯାଇଥିବାବେଳେ ବାର୍ହା ମୃତଦେହ ଦେଖି ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନପାଳ ପ୍ରଭାକର ରଣା ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ଭିଏସ୍ଏସ୍ ପ୍ରଭାତ କୁମାର ଜେନା ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟରୁ ବାର୍ହା ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନପାଳ କହିଛନ୍ତି।

### ବିମଳାଙ୍କୁ ପୂଜିଲେ ରାଜପରିବାର ସଦସ୍ୟ

ଢେଙ୍କାନାଳ ଅଫିସ, ୨୬।୯: ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ଶାରଦୀୟ ଦୁର୍ଗା ପୂଜା। ଏଥିସହ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା’ ବିମଳାଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ନାରାୟଣୀ ବେଶଧାରୀ ମା’ଙ୍କ ପୂଜାର୍ଚ୍ଚନା ଢେଙ୍କାନାଳର ରାଜପରିବାର ପକ୍ଷରୁ କରାଯାଇଥାଏ। ତଦନୁଯାୟୀ ବୁଧବାର ଯୁବରାଜ ଅମରଜ୍ୟୋତି ସିଂଦେଓ, ତାଙ୍କ ସ୍ତ୍ରୀ ମୀନାଲ୍ କୁମାରୀ ରାଜପୁରୋଧାଙ୍କ ସହ ଶ୍ରୀମନ୍ଦିରରେ ପହଞ୍ଚି ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଥିଲେ। ପରେଶ ମିଶ୍ର, ପ୍ରେମଶଙ୍କର ମିଶ୍ର, ଶେଷ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସୂଚନା ଦେଇ ଅମରଜ୍ୟୋତି କୁହନ୍ତି, ଏହି ପରମ୍ପରା ପ୍ରାଚୀନ ସମୟରୁ ପ୍ରଚଳିତ ହୋଇଆସୁଛି। ଏହାକୁ ସମ୍ମାନ ଜଣାଇ ପ୍ରତିବର୍ଷ ମା’ ନାରାୟଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିବାବେଳେ ରାଜପରିବାର ପକ୍ଷରୁ ପୂଜାର୍ଚ୍ଚନା କରାଯିବା ବିଧି ରହିଛି।

### ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ, ୨୬।୯: ଓଡ଼ିଆ ଭାଷା ସାହିତ୍ୟ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ କାମାକ୍ଷାନଗର କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅଧକ୍ଷା ଡ.ସ୍ମିତାରାଣୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଅଧାପକ ଦିଲୀପ କୁମାର ସାହୁ, ପ୍ରସନ୍ନ କୁମାର ନାୟକ, ମଦନ ମୋହନ ବରାଳ, ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ଦିଲୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପଣ୍ଡିତ ମିଶ୍ରଙ୍କୁ ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



■ହକ୍ ଦାବି କଲେ ନିର୍ମାଣ ଶ୍ରମିକ

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଢେଙ୍କାନାଳ ଅଫିସ, ୨୬।୯

ହକ୍ ଦାବି କରି ଗୁରୁବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଆଗରେ ଗର୍ଜିଛନ୍ତି ନିର୍ମାଣ ଶ୍ରମିକ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ସଂଘ ପକ୍ଷରୁ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଶ୍ରମିକମାନେ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ନାରାବାଜି କରିଥିଲେ। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ଦରଖାସ୍ତର ପ୍ରାପ୍ତି ସ୍ୱୀକାର, ସହାୟତା ସମୟସୀମା ଧାର୍ଯ୍ୟ, ବାସଗୃହ ସହାୟତା ପ୍ରଦାନ, ପେନ୍ସନ୍ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ, ହିତାଧିକାରୀ ପଞ୍ଜୀକରଣରେ ଅହେତୁକ ବିଳମ୍ବ, ନିର୍ମାଣ ସରଞ୍ଜାମ କିଣା ପଦ୍ଧତିର ସରଳୀକରଣ, ପେନ୍ସନ ରାଶି ୩ହଜାର ଟଙ୍କାକୁ ବୃଦ୍ଧି, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ, ବୋର୍ଡ ଦ୍ୱାରା ନିଯୁକ୍ତ କର୍ମଚାରୀ ସଂଖ୍ୟା ୨ଗୁଣ କରିବା ଆଦି ରହିଛି।



୧୩ଦଫା ଦାବିନେଇ ଜିଲା ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ ପ୍ରଦର୍ଶନ

■୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ଜିଲା ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ କମିଟି ସଭାପତି ଅଯୋଧ୍ୟା ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, କୋଷାଧକ୍ଷ ସଞ୍ଜୟ ବେହେରା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ମଜଦୁର ସଂଘ ସଭାପତି ଭାସ୍କର ଚନ୍ଦ୍ର ନାୟକ, ଏଆଇଟିୟୁସି ସମ୍ପାଦକ ବିଷ୍ଣୁପ୍ରିୟା ରଥ, ହିନ୍ଦ୍ ମଜଦୁର ସଭାର ପ୍ରଭାକର ରାଉତ, ସିଆଇଟିୟୁର ସୌଭାଗ୍ୟ ସାହୁ, ଏଆଇସିସିଟିୟୁର ବସନ୍ତ ପଟ୍ଟନାୟକ, ଶ୍ରମିକ ନେତା ଯଜ୍ଞେଶ୍ୱର ପୃଷ୍ଟି, ଯୋଗେନ୍ଦ୍ରନାଥ ତ୍ରିପାଠୀ, ଲକ୍ଷ୍ମୀଧର ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଜିଲାପାଳ ଫାଟକ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ।



ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଦଲାଲଙ୍କ ଉପରେ ନଜର

# ଆର୍‌ଟିଓ କାର୍ଯ୍ୟାଳୟରେ ପୋଲିସ ଚଢ଼ାଉ

ଢେଙ୍କାନାଳ ଅଫିସ, ୨୬।୯

ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆର୍‌ଟିଓ କାର୍ଯ୍ୟାଳୟକୁ ୧୫ଦିନ ମଧ୍ୟରେ ଦଲାଲମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବା ପରେ। ପ୍ରକାଶ ପାଇଛି ପ୍ରଶାସନିକ ତତ୍ପରତା। ତଦନୁଯାୟୀ ଗୁରୁବାର ମଧ୍ୟାହ୍ନରେ ଢେଙ୍କାନାଳ ଟାଉନ ଥାନା ପୋଲିସ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, ଆଞ୍ଚଳିକ ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ମୋଟରଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ ଅଫିସ୍‌ର ବିଭିନ୍ନ ପ୍ରକୋଷ୍ଠ ଏବଂ କାଉଣ୍ଟରରେ ଯାଞ୍ଚ କରିଥିଲେ। ଯାନବାହନ ପଞ୍ଜୀକରଣ ଲାଗି ଲାଇନରେ ଛିଡ଼ା ହୋଇଥିବା ଲୋକଙ୍କୁ ଦଲାଲଙ୍କ କବଳରେ ନ ପଡ଼ିବାକୁ ସଚେତନ କରାଯାଇଥିଲା। କାର୍ଯ୍ୟାଳୟରେ ଦଲାଲ ସାଜି ଲୋକଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗାଡ଼ି ମାଲିକଙ୍କୁ ପ୍ରଲୋଭିତ କରି ଅର୍ଥ ଆଦାୟ କରୁଥିବା ଏବଂ ହଇରାଣ ହରକତ କରୁଥିବା ମଧ୍ୟସ୍ଥଙ୍କ ବିଷୟରେ ସୂଚନା ଦେବାକୁ ଥାନାଧିକାରୀ ଆହ୍ୱାନ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଆରଟିଓ କୁହନ୍ତି, ଦଲାଲ ଏବଂ ମଧ୍ୟସ୍ଥ କାର୍ଯ୍ୟ ରୋକିବାକୁ ଉଦ୍ୟମ କରାଯିବା ପରେ କେତେଜଣ ବ୍ୟକ୍ତି କାର୍ଯ୍ୟାଳୟର କର୍ମଚାରୀଙ୍କୁ ଫୋନ୍‌ରେ ଧମକଚମକ ଦେଉଛନ୍ତି। ଏ ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଛି

ରାଷ୍ଟ୍ରୀୟ ଏକତା ଜନଜାଗରଣ ଅଭିଯାନ

# ୩୭୦ ଧାରା ଉଚ୍ଛେଦ ଯୁଗାନ୍ତକାରୀ ପଦକ୍ଷେପ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଢେଙ୍କାନାଳ ଅଫିସ, ୨୬।୯

ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ବୁଧବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଏକତା ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉପଲକ୍ଷେ ସହରର ବୁଦ୍ଧିଜୀବୀଙ୍କୁ ନେଇ ସମ୍ମିଳନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ ଅଧକ୍ଷତା କରିଥିଲେ।

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୁଦର୍ଶନ ନାୟକ ଯୋଗଦେଇ କହିଲେ, ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ୩୭୦ ଏବଂ ୩୫ (ଏ) ଧାରା ଉଚ୍ଛେଦ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଏହା ଆତଙ୍କବାଦର ବିଲୋପ କରିବା ସହ ବିକାଶରେ ସହାୟକ ହେବ। ସିଣ୍ଡିକେଟ ବ୍ୟାଙ୍କର ଅବସରପ୍ରାପ୍ତ ରିଜିଓନାଲ ମ୍ୟାନେଜର ପ୍ରମୋଦ କୁମାର ନନ୍ଦ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର କହିଲେ, ୩୭୦ ଧାରାକୁ କେତେଜଣ ମୁଷ୍ଟିମେୟ ପରିବାର ଉପଭୋଗ କରୁଥିଲେ। ରାଜ୍ୟରେ ବିକାଶର ନାଁ ଗନ୍ଧ ନ ଥିଲା। ଏହାର ଉଚ୍ଛେଦ ଅତ୍ୟାବଶ୍ୟକ ଥିଲା।

ଆର୍‌ଏସ୍‌ଏସ୍‌ର ବରିଷ୍ଠ ଅଧିକାରୀ ଶରତ ପାଣିଗ୍ରାହୀ, ଭାଜପା କର୍ମକର୍ତ୍ତା ନବକିଶୋର ଗୁରୁ, ନରେଶ ଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ବିଷ୍ଣୁ ପ୍ରସାଦ ଲେଙ୍କା, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଜିଲା ସମ୍ପାଦକ ଅଖିଳ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କାମାକ୍ଷାନଗର, ୨୬।୯(ଡି.ଏନ୍.ଏ.)

କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ ଅଦାଲତରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ବାମାଶଙ୍କର ମିଶ୍ର ଅଭିଯୁକ୍ତ ପ୍ରସନ୍ନ ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ଦେବରାଜ ବେହେରା, ସୂର୍ଯ୍ୟନାରାୟଣ ସାହୁ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ଥାନା ରୁପାବେଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଝିଅ ଜୟନ୍ତୀଙ୍କ ବିବାହ ମରୁଆବିଲି ଗ୍ରାମର ରମେଶ ପାତ୍ରଙ୍କ ପୁଅ ପ୍ରସନ୍ନଙ୍କ ସହ ୨୦୧୩ ଡିସେମ୍ବର ୧୩ରେ ହୋଇଥିଲା। ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରି ପ୍ରସନ୍ନ ତାଙ୍କୁ ବାପଘରେ ଛାଡ଼ିଦେଇଥିଲେ। ବିବାଦର ସମାଧାନ ଲାଗି ୧୬ ତାରିଖରେ ପ୍ରସନ୍ନ ଏବଂ ରମେଶ ରୁପାବେଡ଼ା ଗ୍ରାମକୁ ଆସିଥିଲେ। ରାତିରେ ଖାଇସାରିବା ପରେ ଗୋଟିଏ ଘରେ ଦୁଇ ସମୁଦି ପୂର୍ଣ୍ଣଚନ୍ଦ୍ର, ରମେଶ ଏବଂ ଅନ୍ୟ ଏକ କୋଠରିରେ ପ୍ରସନ୍ନ ଓ ତାଙ୍କ ଶଳା ସଞ୍ଜୟ ଶୋଇଥିଲେ। ସକାଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସଞ୍ଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜ୍ୱାଇଁ ପ୍ରସନ୍ନ ହିଁ ପୁଅର ହତ୍ୟାକାରୀ ବୋଲି ପୂର୍ଣ୍ଣଚନ୍ଦ୍ର ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇପିସି ୩୦୨ ଧାରା ଅନୁଯାୟୀ ନଂ.୬୪/୧୩ରେ ମାମଲା ରୁଜୁ କରାଯାଇଥିଲା। ପ୍ରସନ୍ନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

# ରସାୟନ ବିଜ୍ଞାନ ବିଭାଗ ପାଠଚକ୍ର




ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଅଫିସ, ୨୬।୯

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷାବର୍ଷର ପ୍ରଥମ ପାଠଚକ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ର ପୌରୋହିତ୍ୟ କରିଥିଲେ। ମେଣ୍ଡଲିଫ୍‌ଙ୍କ ପ୍ରସିଦ୍ଧ ପର୍ଯ୍ୟାୟ ସାରଣୀର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ପର୍ଯ୍ୟାୟ ସାରଣୀ ବର୍ଷ ଭାବେ ପାଳନ କରାଯାଉଛି। ଏହି ଉଦ୍ଦେଶ୍ୟରେ ପାଠଚକ୍ରକୁ ଉତ୍ସର୍ଗୀକୃତ କରାଯାଇଛି।

ପ୍ରାରମ୍ଭରେ ବିଭାଗର ପ୍ରାଚୀରପତ୍ର ‘ଆରୋମା’ ଏବଂ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ପ୍ରଶାନ୍ତ କୁମାର ପରିଡ଼ା ଯୋଗଦେଇ ମିଶ୍ରଧାତୁ ନାଟିକଲ ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ଅଧାପକ ପ୍ରଭୁଦତ୍ତ ହୋତା ଦୈନନ୍ଦିନ ଜୀବନରେ ରସାୟନ ବିଜ୍ଞାନର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ର ସରାଫତ୍ ଅଲ୍ଲୀ, ପ୍ରୀତମ ଜେନା, ଦୀପକ କୁମାର ସାମଲଙ୍କୁ ପୁରସ୍କୃତ କରାଯାଇଥିଲା।

# ପଞ୍ଚାୟତ ବିକାଶ କର୍ମଶାଳା

ଢେଙ୍କାନାଳ ଅଫିସ, ୨୬।୯

ଢେଙ୍କାନାଳ ଜିଲା ଯୋରନ୍ଦା ପାନ୍ଥନିବାସରେ ଆୟୋଜିତ ଲିଙ୍ଗଗତ ସମ୍ବେଦଶୀଳତା ପଞ୍ଚାୟତ ବିକାଶ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିଥିଲା। ଦିଗାମ୍ବରପୁର, ଯୋରନ୍ଦା, ଦେଓଗାଁ, ଗୁଣ୍ଠୁରାପଶି, ଗଁଦିଆ ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବର, ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଯୋଗଦେଇ ତାଲିମ ନେଇଥିଲେ। ଗ୍ରାମାଞ୍ଚଳରେ ସମ୍ବଳ ଚିହ୍ନଟ କରିବା, ସମସ୍ତ ବର୍ଗର ଲୋକଙ୍କ ପ୍ରତି ସମ୍ବେଦନଶୀଳ ହୋଇ ଯୋଜନା ପ୍ରସ୍ତୁତ କରିବା, ସମନ୍ୱୟ ରଖି ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ଗୁରୁତ୍ୱ ଦିଆଯାଇଥିଲା। ପ୍ରଳୟ ଦାସ, ଅମର ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାର ଦ୍ୱିତୀୟ ଦିବସରେ ଶିବିରାର୍ଥୀମାନେ ନେଉଳପୋଇ ପଞ୍ଚାୟତର ଛାଟିଆ ଗ୍ରାମ ପରିଦର୍ଶନ କରିଥିଲେ। ଅଞ୍ଚଳରେ ପାନୀୟ ଜଳର ସମସ୍ୟା ରହିଛି। ଏହାକୁ ସୁଧାରିବା ଦିଗରେ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଐରା ନିର୍ଦ୍ଦେଶକ ସୁରେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା, ମିଳନ ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଖରାପ ରାସ୍ତା ହେଲା କାଳ

ସୋର, ୨୬।୯(ଡି.ଏନ.ଏ.)

ଖରାପ ରାସ୍ତା ଯୋଗୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଠିକଣା ସମୟରେ ନିଆଯାଇପାରିଲାନି ଡାକ୍ତରଖାନା। ଆଉ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ବେଳକୁ ଚାଲିଗଲା ରୋଗୀ ଜୀବନ। ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଘଟିଛି ଏପରି ଦୁଃଖଦ ଘଟଣା। ମୃତକ ହେଲେ ନିରଞ୍ଜନ ମହାପାତ୍ର (୨୬)। ଗୁରୁବାର ସେ ସଂଜ୍ଞାହୀନ ହୋଇପଡିଥିଲେ। ସୋର କିମ୍ବା ଅନନ୍ତପୁରରେ ୧୦୮ ନ ଥିବାରୁ ଘର ଲୋକେ ଏକ ପ୍ରାଇଭେଟ୍ ଗାଡିକୁ ଡାକିଥିଲେ। ହେଲେ ନିରଞ୍ଜନଙ୍କ ଘର ପାଖକୁ ରାସ୍ତା ନ ଥିବାରୁ ଗାଡି ଯାଇ ପାରି ନ ଥିଲା। ୩ ଶହ ମିଟର କଦର୍ଯ୍ୟ ରାସ୍ତାରେ ତାଙ୍କୁ ଏକ ଟ୍ରଲିରେ ବୋହି ଗାଡି ପାଖକୁ ଅଣାଯିବାରେ ବିଳମ୍ବ ହୋଇଥିଲା। ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# କୁକୁର ବନ୍ଧ୍ୟାକରଣ ଅଭିଯାନ ଆରମ୍ଭ




ଅଭିଯାନ ଶୁଭାରମ୍ଭ ଅବସରରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୨୬।୯

ଜୀବଜନ୍ତୁ କଲ୍ୟାଣ ଓ ଥଇଥାନ ସଙ୍ଗଠନ (ଆୱାର୍ଡ) ପକ୍ଷରୁ ଢେଙ୍କାନାଳ ପୌରାଞ୍ଚଳରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି କୁକୁର ବନ୍ଧ୍ୟାକରଣ ଅଭିଯାନ। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଯନ୍ତ୍ରୀ ରଶ୍ମିତା ମିଶ୍ର ଅତିଥି ଭାବେ ଯୋଗଦେଇ କହିଲେ, ଅଭିଯାନ ଆନୁକୂଲ୍ୟରେ ସହରର ବୁଲା କୁକୁରା ଗଣନା ହେବ। ଏଥିସହ ଗୁରୁତର କୁକୁରଙ୍କ ଚିକିତ୍ସା କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅଞ୍ଚଳବାସୀ, ପ୍ରାଣୀଧନ ଚିକିତ୍ସା ବିଭାଗର କର୍ମଚାରୀ ଏବଂ ପୋଲିସର ସହଯୋଗ ଲୋଡ଼ାଯାଇଥିବା ସେ ସୂଚନା ଦେଇଛନ୍ତି।

ପ୍ରତି ୨ ବର୍ଷରେ ପୌରାଞ୍ଚଳରେ ବୁଲା କୁକୁର ଗଣନା କରାଯାଉଛି। ୨୦୧୭ରେ ଢେଙ୍କାନାଳ ପୌରାଞ୍ଚଳରେ ୨୮୦୩ ବୁଲା କୁକୁର ଥିଲେ ବୋଲି ଆୱାର୍ଡ ସଙ୍ଗଠନର ବରିଷ୍ଠ ସଦସ୍ୟ ଇଂ. ସୌମ୍ୟଜିତ୍ ରଥ ସୂଚନା ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସୋନାଲି ସାହୁ, ସ୍ମୃତି ଦାସ, ମହେନ୍ଦ୍ର ମହାପାତ୍ର, ଦୀପକ ସିଂ, ତରଣୀ ନାୟକ, ରାଜେଶ ନାଏକ, ଦୀପକ ନାଏକ, ଶିବୁ ସାହୁ, ସଞ୍ଜୟ ନାୟକ, ଅକ୍ଷୟ ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ଜନ୍ କୁମାର ମଲ୍ଲ, ଜୁଏଲ୍ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

## କ୍ୱାର୍ଟରରେ ଓଡ଼ିଶା ପୋଲିସ

ଢେଙ୍କାନାଳ ଅଫିସ, ୨୬।୯

ଢେଙ୍କାନାଳ କ୍ରୀଡ଼ାସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ବାରିପଦା ସ୍ପୋର୍ଟସ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଓଡ଼ିଶା ପୋଲିସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏକମାତ୍ର ଗୋଲ୍ କରିଥିବା ବିଜୟୀ ଦଳର ଟୁନା ପରିଜା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମର୍ନିଂ କ୍ଲବ ସଭାପତି ଏସ୍.ପି. ବର୍ମା ତାଙ୍କୁ ପୁରସ୍କୃତ କରିଥିଲେ। ସୁବ୍ରତ ପୁରୋହିତ, ଅନିଲ ନନ୍ଦ, ଆଶୀର୍ବାଦ କାନୁନ୍‌ଗୋ, ମାୟାଧର ସାହୁ, ସନ୍ତୋଷ କାନୁନ୍‌ଗୋ ମ୍ୟାଚ ପରିଚାଳନା କରିଥିଲେ। ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି, କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ରାମନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ, ଗୌରାଙ୍ଗ ସେଠୀ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ବଳଦଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

# ୮ରେ ଅନୁକୂଳ ଯାତ୍ରା, ୯ରେ ଭସାଣି



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଅନ୍ୟମାନେ।

ଭୁବନ, ୨୬।୯(ଡି.ଏନ୍.ଏ.)

■ରାବଣପୋଡ଼ି ସ୍ଥାନ ଅପରିବର୍ତ୍ତିତ, ସଅଳ ସରିବ କାର୍ଯ୍ୟକ୍ରମ

■ଆଲୋକୀକରଣ, ପାନୀୟ ଜଳ ଯୋଗାଣ ଉପରେ ସର୍ବାଧିକ ଗୁରୁତ୍ୱ

ଐତିହାସିକ ବଳଦଯାତ୍ରା ପାଇଁ ଭୁବନ ଏନ୍ଏସି ସଭାଗୃହରେ ଗୁରୁବାର ଚୂଡ଼ାନ୍ତ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୮ରେ ଅନୁକୂଳ ଯାତ୍ରା, ୯ରେ ଭସାଣି ସହିତ ରାବଣପୋଡ଼ି ମହୋତ୍ସବ କରିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାର ଶକ୍ତିକାନ୍ତ ରାୟ ଯାତ୍ରାକୁ ଶୃଙ୍ଖଳିତ କରିବାକୁ ପୂଜା ପ୍ରତିଷ୍ଠାନ କର୍ମକର୍ତ୍ତା, ବଳଦିଆଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭରେ ଶାନ୍ତି କମିଟି ପକ୍ଷରୁ ଆଗତ ପ୍ରସ୍ତାବଗୁଡ଼ିକର ସମୀକ୍ଷା କରାଯାଇଥିଲା। ଚଳିତବର୍ଷ ଯାତ୍ରରେ ଡିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି। ପୂର୍ବବର୍ଷ ଭଳି ପାଲାମଣ୍ଡପ ନିକଟରେ ରାବଣ ପୋଡ଼ି ହେବ। ହେଲେ ଏହି କାର୍ଯ୍ୟକ୍ରମକୁ ସଅଳ ସାରିବାକୁ ନିଷ୍ପତ୍ତି ହୋଇଛି। ଆଲୋକୀକରଣ ବ୍ୟବସ୍ଥାରେ ସୁଧାର, ଯାତ୍ରା ରୁଟ୍ ପରିଷ୍କାର, ପାନୀୟ ଜଳ ସମସ୍ୟା ଦୂର କରିବା ଆଦି ଦାୟିତ୍ୱ ନିର୍ବାହୀ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ। ଦୁର୍ଗାପୂଜା ମଣ୍ଡପର କର୍ମକର୍ତ୍ତା ଯାତ୍ରାର ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ୨୭ ସେପ୍ଟେମ୍ବର /୨୦୧୯, Dhenkanal, Friday, September 27 / 2019

# ନାଲ୍‌କୋ ସ୍ମେଲଟର ପୂର୍ବତନ ଜିଏମ୍‌ଙ୍କୁ ୨ ବର୍ଷ ଜେଲ

**ଅନୁଗୋଳ ଅଫିସ, ୨୬।୯**

ନାଲ୍‌କୋର ପୂର୍ବତନ ମହାପ୍ରବନ୍ଧକ ଶମ୍ଭୁ ଦୟାଲ ଚୌହାରିଆଙ୍କୁ ଅନୁଗୋଳ ଏସ୍‌ଡିଜେଏମ୍ କୋର୍ଟ ଗୁରୁବାର ଏକ ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ବିଶ୍ୱଜିତ ନାୟକ ଚୌହାରିଆଙ୍କୁ ଦୁଇ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୧୯୯୮ ଅଗଷ୍ଟ ୨୦ରେ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ରାଣୀଗୁଡ଼ା ଅଞ୍ଚଳର ବିକ୍ରମ ନାଏକ ବିନା ସୁରକ୍ଷା ସରଞ୍ଜାମରେ କାର୍ଯ୍ୟ କରୁଥିବା ବେଳେ ୨୦ ଫୁଟ ଉପରୁ ଖସି ପଡିଥିଲେ। ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରଦିନ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ଇନ୍ସପେକ୍ଟର ବି.ସି. ସ୍ୱାଇଁ କୋର୍ଟରେ ମାମଲା ରୁଜୁ କରିଥିଲେ। ନାଲ୍‌କୋ କର୍ତ୍ତୃପକ୍ଷ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କୁ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ପରେ ଫ୍ୟାକ୍ଟ୍ରି ନିୟମ ଅନୁଯାୟୀ ମାମଲାର ବିଚାର କରାଯାଇଥିଲା। ଘଟଣାରେ ତତ୍କାଳୀନ ମହାପ୍ରବନ୍ଧକ ଚୌହାରିଆଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ପରେ ତାଙ୍କୁ ବେଲ୍ ମିଳିଥିବା ସୂଚନା ମିଳିଛି। ଏହି ମାମଲାକୁ ଆସିଷ୍ଟାଣ୍ଟ କ୍ୟାଡର ପିପି ଜ୍ୟୋତିପ୍ରକାଶ ମହାପାତ୍ର ପରିଚାଳନା କରିଥିଲେ।

# ବସ୍‌ଷ୍ଟାଣ୍ଡରେ ଛୁରାମାଡ଼

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଗୁରୁବାର ସନ୍ଧ୍ୟାରେ ଅମଲାପଡ଼ା ଅଞ୍ଚଳର ସୁବାସ ପ୍ରଧାନଙ୍କୁ ଛୁରାମାଡ଼ ହୋଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଏଥିରେ ସେ ଆହତ ହୋଇଛନ୍ତି। ଅଭିଯୋଗ ମୁତାବକ, ସୁବାସ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଏକ ପାନ ଦୋକାନ ଦେଇଥିବାବେଳେ ତାଙ୍କ ଭାଇ ଏକ ଚାଇନା ସାମଗ୍ରୀ ଦୋକାନ କରିଛନ୍ତି। ପୂର୍ବରୁ ୪ରୁ ୫ ଜଣ ଯୁବକ ଆସି ତାଙ୍କ ଭାଇଙ୍କ ଦୋକାନରୁ ଘଣ୍ଟା ନେଇ ଫେରାର ହୋଇଯାଇଥିଲେ। ଗୁରୁବାର ପୁଣି ଟର୍ଚ୍ଚ କିଣିବାକୁ ସେହି ଯୁବକମାନେ ଦୋକାନକୁ ଆସିଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ୩ ଜଣ ଯୁବକ ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ।

# ପ୍ରତିମୂର୍ତ୍ତି ସଫେଇ, ମାଲ୍ୟାର୍ପଣ

**ତାଳଚେର,୨୬।୯(ନି.ପ୍ର.)**

ତାଳଚେର ଭାଜପା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ସହରରେ ଥିବା ସ୍ୱାଧୀନତା ସଂଗ୍ରାମୀ ଏବଂ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଥମେ ଟାଉନହଲସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି, ବଡ଼ ବଜାରଠାରେ ଗୌରବ ଦିବାକର ମିଶ୍ରଙ୍କ ପ୍ରତିମୂର୍ତ୍ତି, ଶାସ୍ତ୍ରୀ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଜପା କାର୍ଯ୍ୟକର୍ତ୍ତାମାନେ ସଫାସୁତୁରା କରିବା ପରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଦୀନ ଦୟାଲଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରକାଶ ମହାରଣା, ପୌରମଣ୍ଡଳ ସଭାପତି ଯଶୋବନ୍ତ ଦାସ, ସାଧାରଣ ସମ୍ପାଦକ ନିରୋଜ ଦାସ, ପର୍ଶୁରାମ ବାରିକ, ଜିତେନ୍ଦ୍ର କୁମାର ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ, ବାଲ୍ମିକୀ ପ୍ରସାଦ କେଶରୀ, ଶଙ୍କର ବେହେରା, ସୁକାନ୍ତ ରାୟ, ସୁରେନ୍ଦ୍ର ଶର୍ମା, ପୂର୍ଣ୍ଣଚନ୍ଦ୍ର ବେହେରା, ମାନସ ସିଂହଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

### ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

# ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଅଭିଯୋଗ



ମୃତକଙ୍କ ପରିବାର ଏଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

**ଅନୁଗୋଳ ଅଫିସ, ୨୬।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବଅଁରପାଳ ନୂଆହତା ଗ୍ରାମର ବିରଜା ମୋହନ ପଟ୍ଟନାୟକ(୫୧)। ମୃତକଙ୍କ ପୁଅ ପ୍ରତୀକ ପଟ୍ଟନାୟକଙ୍କ ଅଭିଯୋଗ ମୁତାବକ, ବୁଧବାର ସନ୍ଧ୍ୟାରେ ବିରଜା ବିଷପାନ କରି ଦେବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଡାକ୍ତରମାନେ ଏହାକୁ କର୍ଣ୍ଣପାତ ନ କରିବାରୁ ଗିରିଜାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ବିଷ ପିଇଥିବା ଯୋଗୁ ଗିରିଜାଙ୍କ ମୃତ୍ୟୁ ଘଟିଥିବା ଏଡିଏମ୍‌ଓ ଲକ୍ଷ୍ମୀନାରାୟଣ ବିଶୋଇ କହିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ପଚାରିବାରେ ସେ କହିଛନ୍ତି, ଘଟଣା କ'ଣ ହୋଇଛି ଅନୁଧ୍ୟାନ କରାଯିବ। ତଦନ୍ତ ପରେ ରିପୋର୍ଟ ପ୍ରଦାନ କରାଯିବ।

### ଏନ୍‌ଟିପିସିରେ କୋଇଲା ସଙ୍କଟ

# ୩ହଜାର ସ୍ଥାନରେ ୯ଶହ ମେଗାୱାଟ୍ ଉତ୍ପାଦନ

**ତାଳଚେର,୨୬।୯ (ନି.ପ୍ର.)**

୩ ହଜାର ମେଗାୱାଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ମହାରତ୍ନ କମ୍ପାନୀ ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କୋଇଲା ସଙ୍କଟ ଦେଖାଦେଇଛି। ଫଳରେ ଦୁଇଦିନ ହେଲା ପ୍ରକଳ୍ପର ୩ ଗୋଟି ୟୁନିଟ୍ ବନ୍ଦ ରହିଛି। ଅନ୍ୟ ୩ଟି ୟୁନିଟ୍ ମଧ୍ୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏବେ ପ୍ରକଳ୍ପରୁ ମାତ୍ର ୯ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ ମୋଟ୍ ୬ଟି ୟୁନିଟ୍ ରହିଛି। ପ୍ରତି ୟୁନିଟ୍‌ରୁ ୫ଶହ ମେଗାୱାଟ୍ ଲେଖାଏ ଶକ୍ତି ଉତ୍ପାଦନ ହୋଇଥାଏ। ହେଲେ ପୂର୍ଣ୍ଣ କ୍ଷମତାରେ ଏହା ଚାଲିବା ପାଇଁ ଦୈନିକ ୫୫ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ ପଡ଼ିଥାଏ। ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣିରୁ ଏନ୍‌ଟିପିସିକୁ ପ୍ରତିଦିନ ୨୫ରୁ ୩୦ ହଜାର ଟନ୍ ଓ ଲିଙ୍ଗରାଜ କୋଇଲା ଖଣିରୁ ୨୫ରୁ ୩୦ ହଜାର ଟନ୍ କୋଇଲା ମିଳିଥାଏ। କିନ୍ତୁ ବର୍ଷା ଓ ଖଣିବନ୍ଦ ଆନ୍ଦୋଳନ ଯୋଗୁ ପ୍ରକଳ୍ପକୁ ଆବଶ୍ୟକ ପରିମାଣର କୋଇଲା ମିଳିପାରୁ ନାହିଁ। ଗଚ୍ଛିତ କୋଇଲାକୁ ବ୍ୟବହାର କରାଯାଉଥିବାରୁ ଏବେ ଷ୍ଟକ ଖାଲି ପଡ଼ିଛି। ଫଳରେ କର୍ତ୍ତୃପକ୍ଷ ଦୁଇ ଦିନ ହେଲା ପ୍ଲାଣ୍ଟର ୧, ୪ ଓ ୫ନମ୍ବର ୟୁନିଟ୍‌କୁ ବନ୍ଦ ରଖିଛନ୍ତି। ଅବଶିଷ୍ଟ ୩ ଗୋଟି ୟୁନିଟ୍ ମଧ୍ୟ କ୍ଷମତା ଅନୁଯାୟୀ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଏବେ ମାତ୍ର ୯ ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ପ୍ଲାଣ୍ଟ ଜନସମ୍ପର୍କ ଅଧିକାରୀ ଅମିତ କୁମାର ବେହେରା କହିଛନ୍ତି, କୋଇଲା ଅଭାବରୁ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି। ଚଳିତ ମାସ ସାରା ଗୋଟେ କିମ୍ବା ଦୁଇଟି ୟୁନିଟ୍ ବନ୍ଦ ରଖିବାକୁ ପଡୁଛି। ଏବେ ପ୍ରକଳ୍ପର ୩ଟି ୟୁନିଟ୍ ବନ୍ଦ ରହିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ